# আমার
# জঙ্গল
# আমারই



## ଏ ସଂଖ୍ୟାରେ...


| | ପୃଷ୍ଠା |
|---|---|
| ➢ **ସମ୍ପାଦକୀୟ** | ୨ |
| ➢ **ବିଶେଷ ପ୍ରସଙ୍ଗ** | |
| ପାରମ୍ପରିକ ପଦ୍ଧତିରେ ହାତୀ ଉପଦ୍ରବ ନିୟନ୍ତ୍ରଣ | ୩ |
| ➢ **ପ୍ରସଙ୍ଗ** | |
| ଚଢ଼େଇ ଛାଡ଼ିବେ ଚିଲିକା ! | ୬ |
| ➢ **ସମୂହ** | |
| • ଭାଲୁକାଶୁଣୀରେ ବଢ଼ିଲେ ଭାଲୁ | ୧୦ |
| • ମର୍ଦ୍ଦରାଜପ୍ରସାଦ – ଯେଉଁଠି ଜଙ୍ଗଲ ଲାଗି ଗାଁ ଗୋଟାଏ | ୧୨ |
| • ଜନପଦକୁ ବଞ୍ଚାଇଥିବା ଏକ ହେନ୍ତାଳ ବଣର ସୁରକ୍ଷା କାହାଣୀ | ୧୪ |
| ➢ **ସଂଘର୍ଷ** | |
| • ବନ୍ଦ ହେଲା କାଠ କଟା | ୧୬ |
| • କଣ୍ଡା ପାର୍ଶ୍ୱସ୍ଥ ଲୋକେ ଶେଷରେ ତାଙ୍କ ଅଧିକାର ପାଇଲେ | ୧୭ |
| ➢ **ଆଲୋଚନା** | |
| ବନ୍ୟ ପ୍ରାଣୀ ଅପରାଧ | ୧୮ |
| ➢ **ବ୍ୟକ୍ତିତ୍ୱ** | |
| ଜଙ୍ଗଲ ପାଇଁ ଏକ ସମର୍ପିତ ଦମ୍ପତ୍ତି | ୨୨ |
| ➢ **ପରିଚୟ** | |
| ହଜି ଯାଉଛନ୍ତି ଚମଡ଼ା ପରି ଖୋଳଥିବା ବିଶାଳ ସମୁଦ୍ର କଚ୍ଛପ | ୨୪ |



**ପ୍ରକାଶକ**

ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍

RCDC

**ସଂଯୋଜନା**

ସବ୍ୟସାଚୀ ରଥ

ଦିଲ୍ଲୀପ ସୁବୁଦ୍ଧି

ପ୍ରଭାତ ମିଶ୍ର

**ଅକ୍ଷର ଓ ଅଙ୍ଗସଜ୍ଜା**

ଭାଗ୍ୟରଥି ସାହୁ


*କଭର ଫଟୋ : ରୁଦ୍ର ପ୍ରସନ୍ନ ମହାପାତ୍ର, ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ*

# ସମ୍ପାଦକୀୟ

ବହୁ ଦିନର ଦାବି ଓ ପ୍ରଚେଷ୍ଟା ଫଳରେ ଓଡ଼ିଶା ସରକାର ଯୁଗ୍ମ ଜଙ୍ଗଲ ପରିଚାଳନା ନୀତିରେ ସଂଶୋଧନ ଆଣି ୨୦୧୧ ମସିହାରେ ଏହାର ଯେଉଁ ସଂସ୍କରଣଟି ପ୍ରକାଶ କଲେ, ସେଥିରେ ଯୁଗ୍ମ ଜଙ୍ଗଲ ପରିଚାଳନା ବ୍ୟବସ୍ଥାକୁ ନେଇ ପୂର୍ବରୁ ରହିଥିବା କେତେକ ମୌଳିକ ସମସ୍ୟାର ସଂପୂର୍ଣ୍ଣ ସମାଧାନ ନହେଲେ ମଧ ଅନେକ ଉଲ୍ଲେଖନୀୟ ପରିବର୍ତ୍ତନ ଅଣାଯାଇଛି ଯାହା ନିଶ୍ଚିତ ରୂପେ ସ୍ୱାଗତ ଯୋଗ୍ୟ । ଏହି ନୂତନ ନୀତି ଅନୁଯାୟୀ ବନ ସଂରକ୍ଷଣ ସମିତିରେ ବନପାଳ (Forester) ଆଉ ସମ୍ପାଦକ (Secretary) ରହିବେ ନାହିଁ, ବରଂ ଲୋକଙ୍କ ନିର୍ବାଚିତ ପ୍ରତିନିଧି ହିଁ ସେ ଦାୟିତ୍ୱ ନେବେ । ଫଳରେ, ଆୟବ୍ୟୟକୁ ନେଇ ସମିତିଗୁଡ଼ିକ ଫରେଷ୍ଟରଙ୍କ ଉପରେ ଅନିଚ୍ଛା ସତ୍ତ୍ୱେ ନିର୍ଭର କରିବା ପାଇଁ ଯେଉଁଭଳି ବାଧ ହେଉଥିଲେ, ଏବେ ତାହା ହେବନାହିଁ । ଦ୍ୱିତୀୟତଃ, ବନ୍ୟପ୍ରାଣୀ ସଂରକ୍ଷଣ ଅଞ୍ଚଳରେ ବନ ସଂରକ୍ଷଣ ସମିତି ପରିବର୍ତ୍ତେ ଯେଉଁ ପରିବେଶ ବିକାଶ ସମିତି (Eco-Development Committee) ଗଠନ କରାଯାଏ, ପୂର୍ବରୁ ତା' ପାଇଁ କ୍ୱଚିତ ସୁବିଧା ସୁଯୋଗ ଥିଲା, କିନ୍ତୁ ନୂତନ ନୀତିରେ କୁହାଯାଇଛି ସମିତିର ସଦସ୍ୟମାନେ ମଧ ସ୍ଥାନୀୟ ଜଙ୍ଗଲରୁ ବାଉଁଶ, ଘାସ, ଛଣ ଘାସ ଆଦି ସେଇଭଳି ସଂଗ୍ରହ କରିପାରିବେ ଯେପରିକି ବନ ସଂରକ୍ଷଣ ସମିତିର ସଦସ୍ୟମାନେ । ଉଭୟ ସମିତି ସ୍ଥାନୀୟ ପଲ୍ଲୀସଭା ଗୋଷ୍ଠୀ ଜଙ୍ଗଲର ବ୍ୟବହାର ନିୟନ୍ତ୍ରଣ ପାଇଁ କରିଥିବା ନିଷ୍ପତ୍ତିକୁ ପାଳନ କରିବେ ବୋଲି ମଧ କୁହାଯାଇଛି । ଏଭଳି କେତେକ ଲୋକାଭିମୁଖୀ ସଂଶୋଧନ ଯୋଗୁଁ ଏହା ଯୁଗ୍ମ ଜଙ୍ଗଲ ପରିଚାଳନା ବ୍ୟବସ୍ଥାକୁ ସ୍ୱୀକାର କରିଥିବା ଗ୍ରାମ ଗୋଷ୍ଠୀଙ୍କୁ ଅଧିକ ଅଧିକାର ତଥା ସୁବିଧା ସୁଯୋଗ ପ୍ରଦାନ କରିବ ଯଦିଓ ସ୍ୱାଧୀନ ଭାବେ ଜଙ୍ଗଲ ସୁରକ୍ଷା କରୁଥିବା ଗ୍ରାମଗୋଷ୍ଠୀଙ୍କୁ ଆକର୍ଷଣ କରିବାର ଶକ୍ତି ଏଥିରେ ନାହିଁ । ଯୁଗ୍ମ ଜଙ୍ଗଲ ପରିଚାଳନାକୁ ଗୋଷ୍ଠୀ ଜଙ୍ଗଲ ପରିଚାଳନା ସହିତ ସମାନ ପର୍ଯ୍ୟାୟରେ ରଖିବାକୁ ହେଲେ ସରକାରଙ୍କୁ ଆହୁରି ଅନେକ ସଂଶୋଧନ ଆଣିବାକୁ ହେବ ଓ ବନ ବିଭାଗକୁ ମଧ ନିଜ ମାନସିକତାରେ ଯୁଗାନ୍ତକାରୀ ପରିବର୍ତ୍ତନ ପାଇଁ ଚେଷ୍ଟା କରିବାକୁ ହେବ । ଏହା କେବଳ ସମୟର ଦାବି ନୁହେଁ, ଏକ ଆଇନଗତ ଆବଶ୍ୟକତା ମଧ; ଏବଂ ଯେତେ ଶୀଘ୍ର ଏହା ଘଟିପାରେ, ସେତେ ମଙ୍ଗଳ ।


**ଆମ ଠିକଣା**

**ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍**

ଏ/୬୮, ୧ମ ମହଲା, ଶହୀଦ ନଗର, ଭୁବନେଶ୍ୱର-୭୫୧ ୦୦୭ (ଓଡ଼ିଶା)

ଫୋନ୍ ନଂ:(୦୬୭୪)୨୫୪୫୨୫୦, ଟେଲିଫାକ୍ସ:(୦୬୭୪)୨୫୪୫୨୫୨

E-mail: rcdcbbsr@bsnl.in, rcdcbbsr@gmail.com, Website: www.rcdcindia.org, www.banajata.org

# ପାରମ୍ପରିକ ପଦ୍ଧତିରେ ହାତୀ ଉପଦ୍ରବ ନିୟନ୍ତ୍ରଣ

୨୦୧୦ ରୁ ୨୦୧୧ ବର୍ଷର ଓଡ଼ିଶାର ସରକାରୀ ତଥ୍ୟ କହେ ଯେ, ଅଦ୍ୟାବଧି ମୋଟ ୮୪ଟି ହାତୀ ମୃତ୍ୟୁବରଣ କରିଛନ୍ତି ଯାହାମଧ୍ୟରୁ ମୋଟ ୧୯ଟି ହାତୀ ବିଦ୍ୟୁତ ଆଘାତ କାରଣରୁ ମୃତ୍ୟୁବରଣ କରିଛନ୍ତି । ଏହା ମଧ୍ୟରୁ ୬ଟି କୁ ଚାଷୀମାନେ ବିଦ୍ୟୁତ ତାର ବିଛାଇ ହତ୍ୟା କରିଥିଲା ବେଳେ ଆଉ ୧୩ଟି ବିଦ୍ୟୁତ ଦୂର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି । ଅନ୍ୟାନ୍ୟ କାରଣ ମଧ୍ୟରେ ୯ଟି ଶିକାର, ୮ଟି ଚାଷୀଙ୍କ ଦ୍ୱାରା ବିଷ ଦେଇ ହତ୍ୟା, ୮ଟି ଦୁର୍ଘଟଣାରେ, ୧୪ଟି ରୋଗ କାରଣରୁ, ୧୧ଟି ପ୍ରାକୃତିକ ମୃତ୍ୟୁ ଏବଂ ଅଜଣା କାରଣରୁ ୧୫ଟି ହାତୀ ମୃତ୍ୟବରଣ କରିଛନ୍ତି । ଏହି ତଥ୍ୟରୁ ସ୍ୱଷ୍ଟ ଭାବେ ଜଣାପଡୁଛି ଯେ, ମୋଟ ୧୪ଟି ହାତୀ, ଚାଷୀଙ୍କ ଦ୍ୱାରା ବିଦ୍ୟୁତ ସଂଯୋଗ ଜନିତ ଆଘାତ ଏବଂ ବିଷ ପ୍ରୟୋଗ କାରଣରୁ ମୃତ୍ୟୁବରଣ କରିଛନ୍ତି । ସେହିଭଳି ବର୍ତ୍ତମାନ ସୁଦ୍ଧା ୬୪ ଜଣ ମନୁଷ୍ୟ ହାତୀ ଆକ୍ରମଣ ଦ୍ୱାରା ମୃତ୍ୟୁବରଣ କରିଛନ୍ତି । ଏହାତଥିଲା କେବଳ ଗୋଟିଏ ବର୍ଷର ତଥ୍ୟ । ଯଦି ଗତ ୧୦ ବର୍ଷର ତଥ୍ୟକୁ ଅବଲୋକନ କରାଯାଏ, ତେବେ ଏହି ସଂଖ୍ୟା ଖୁବ ଅଧିକ ହେବ ।

ସମଗ୍ର ବିଶ୍ୱରେ ମନୁଷ୍ୟ ଓ ବନ୍ୟପ୍ରାଣୀ ବିଶେଷ କରି ହାତୀ ଓ ମନୁଷ୍ୟ ମଧ୍ୟରେ ସଂଘର୍ଷ ଦିନକୁ ଦିନ ବଢିବାରେ ଲାଗିଛି । ଭାରତକୁ ମିଶାଇ ଅନେକ ଦେଶ ଲାଗି ଏହା ଚିନ୍ତାର କାରଣ ପଲଟିଛି । ଏହାର କାରଣ ହେଲା ବିକାଶ ଲାଗି ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କାର୍ଯ୍ୟରେ ବିନିଯୋଗ କରାଯିବା । ଜଙ୍ଗଲ ଏବଂ ହାତୀଙ୍କ ବାସସ୍ଥଳୀ ଧ୍ୱଂସ ହେବା କାରଣରୁ ହାତୀଙ୍କୁ ଜଙ୍ଗଲରେ ଯଥେଷ୍ଟ ଖାଦ୍ୟ ଓ ଜଳ ମିଳୁନାହିଁ । ସେମାନେ ମନୁଷ୍ୟ ଆବାସସ୍ଥଳୀ କ୍ଷେତକୁ ଖାଦ୍ୟ ସନ୍ଧାନରେ ଚାଲି ଆସୁଛନ୍ତି । ନିଜର ଫସଲ ଉଜୁଡ଼ି ଯିବାର ଦେଖି ଚାଷୀ ମଧ୍ୟ ଆକ୍ରମଣଶୀଳ ହେଉଛି । ସେ ବିଷ ଦେଇ, ବିଦ୍ୟୁତ ତାର ବିଛାଇ ହାତୀକୁ ଶିକାର କରୁଛି । ଶିକାରୀ ବି ଏହାର କୌଣସି ସୁଯୋଗ ଛାଡୁନାହିଁ । ଏହା ହାତୀର ମନସ୍ତତ୍ତ୍ୱରେ ପରିବର୍ତ୍ତନ ଆଣୁଛି । ସେ ବି ଆକ୍ରମଣାତ୍ମକ ହେଉଛି ଯାହା ଫଳରେ ପାରସ୍ପରିକ ସଂଘର୍ଷ ତୀବ୍ରତର ହେଉଛି ।

ହାତୀ ଉପଦ୍ରବ ଏକ ଆଞ୍ଚଳିକ ସମସ୍ୟା ନୁହେଁ ବରଂ ବିଶ୍ୱସ୍ତରୀୟ ସମସ୍ୟା ଭାବେ ଉଭାହୋଇଛି । ସମଗ୍ର ବିଶ୍ୱରେ ହାତୀ ଉପଦ୍ରବକୁ ରୋକିବା ଲାଗି ବିଭିନ୍ନ କୌଶଳ ଓ ପଦ୍ଧତିମାନ ଅବଲମ୍ବନ କରାଯାଉଛି । ଜଙ୍ଗଲ ନିକଟରେ ବାସ କରୁଥିବା ଆଦିବାସୀ, ଜଙ୍ଗଲ ଅଧିବାସୀ ତଥା ଅନ୍ୟାନ୍ୟ ଜନସାଧାରଣମାନେ ହାତୀ ଉପଦ୍ରବକୁ ନିୟନ୍ତ୍ରଣ କରିବା ଲାଗି ବିଭିନ୍ନ ପାରମ୍ପରିକ କୌଶଳମାନ ପ୍ରୟୋଗ ଓ ଅବଲମ୍ବନ କରିଥାନ୍ତି । ଆମ ରାଜ୍ୟରେ ମଧ୍ୟ ଏହା ଚାଲୁରହିଅଛି । ସାଧାରଣତଃ ଆମ ଦେଶରେ ତଥା ରାଜ୍ୟରେ ଗଛ ଉପରେ ମଞ୍ଚା ବାନ୍ଧିବା, ବାଜା ବଜାଇବା, ବାଣ ଫୁଟାଇବା, ପାୱାର ଲାଇଟ ପକାଇବା, ପାଟି କରିବା ଏବଂ ନିଆଁ ଜାଳିବା ଆଦି ପଦ୍ଧତି ଦ୍ୱାରା ହାତୀ ଉପଦ୍ରବକୁ ନିୟନ୍ତ୍ରଣ କରିଥାନ୍ତି ।




ସୁନ୍ଦରଗଡ଼ ଜିଲ୍ଲାର ବଣେଇ ଅଞ୍ଚଳରେ ଯେଉଁ ଫସଲ କ୍ଷେତରେ ହାତୀ ଉପଦ୍ରବ ହୋଇଛି, ସେହି ଜମିରେ ଘୋଡ଼ାକୁ ଆଣି ବୁଲାଉଥିବାର ନଜିର ଥିଲା । ଏହି ସବୁ ପଦ୍ଧତି ଆଗରୁ ଭଲ କାମ କରୁଥିଲା । କିନ୍ତୁ ହାତୀମାନେ ଏହି ପଦ୍ଧତି ସହିତ ଅଭ୍ୟସ୍ତ ହୋଇଯିବା ପରେ ଏହା ଆଉ ପୂର୍ବଭଳି କାର୍ଯ୍ୟ କରୁନାହିଁ । ବିଶେଷ ଭାବେ ଅଣ୍ଡିରା ହାତୀ ଏହା ସହିତ ଅଭ୍ୟସ୍ତ ହୋଇଗଲେଣି ଏବଂ ଏପରି କଲେ କୁପ୍ରଭାବିତ ହୋଇ ଅଧିକ ଆକ୍ରମଣାତ୍ମକ ପଦକ୍ଷେପ ନେଉଛନ୍ତି । ଦେଖାଯାଇଛି ଯେ, ମାଈ ହାତୀ ଦଳ ହିଁ ବେଶୀ ଆକ୍ରମଣ କରିଥାନ୍ତି । ତେବେ ଉପରୋକ୍ତ ପଦ୍ଧତିକୁ ବାଦ ଦେଲେ ଆହୁରି ଅନେକ ପଦ୍ଧତି ଅଛି, ଯାହାକୁ ବ୍ୟବହାର କରି ହାତୀ ଉପଦ୍ରବକୁ ରୋକାଯାଇପାରିବ । ବିଭିନ୍ନ ଦେଶରେ ଏହାକୁ ଉପଯୋଗ କରାଯାଉଅଛି । ଏହାଦ୍ୱାରା ହାତୀ ପ୍ରତିକ୍ରିୟାଶୀଳ ହୋଇନଥାନ୍ତି । କେତେକ କ୍ଷେତ୍ରରେ ଏହି ପଦ୍ଧତି କମ ବ୍ୟୟଯୁକ୍ତ



ହୋଇଥିବା ବେଳେ କେତେକ କ୍ଷେତ୍ରରେ ଏଥିଲାଗି ଅଧିକ ଖର୍ଚ୍ଚ କରିବାକୁ ପଡିଥାଏ । ତେବେ ଜନସାଧାରଣ, ବିଶେଷ କରି ଚାଷୀମାନେ କମ ବ୍ୟୟଯୁକ୍ତ ପଦ୍ଧତିକୁ ଅବଲମ୍ବନ କରିଥାନ୍ତି । ନିମ୍ନରେ ସେଭଳି କେତେକ ପଦ୍ଧତି ବିଷୟରେ ତଥ୍ୟ ପ୍ରଦାନ କରାଗଲା ।

### ଲଙ୍କା-ଗୋବର ଘସି ଧୂଆଁ

ଯଦି ଚାଷୀମାନେ ମନେ ପକାଇ ପାରିବେ, ତେବେ ଜାଣିପାରିବେ ଯେ, ସେମାନେ ଚାଷ କରୁଥିବା ଫସଲ ମଧ୍ୟରୁ ଲଙ୍କା ଏବଂ ଟମାଟ ଏପରି ଏକ ଫସଲ ଯାହାକୁ ହାତୀ କେବେ ବି କ୍ଷତି ପହଞ୍ଚାଇନଥାଏ । ଏହାର କାରଣ ହେଲା ଏହାର ଉତ୍କଟ ସ୍ୱାଦ ଏବଂ ଫସଲର ଗନ୍ଧ । କେତେକ କ୍ଷେତ୍ରରେ ହାତୀ ଲଙ୍କା ଫସଲର ପାଖ ସୁଦ୍ଧା ମାଡ଼ିନଥାନ୍ତି । ତେଣୁ ଲଙ୍କାକୁ ହାତୀ ବିରୁଦ୍ଧରେ ଏକ ଅସ୍ତ୍ର ଭାବେ ଗ୍ରହଣ କରିଛନ୍ତି ଶ୍ରୀଲଙ୍କା ଏବଂ ଦକ୍ଷିଣ ଆଫ୍ରିକାର ଜଙ୍ଗଲର ଅଧିବାସୀ ଏବଂ ଚାଷୀମାନେ । ସେମାନେ ଲଙ୍କାକୁ ଶୁଖାଇ ତାହାକୁ ଗୋବର (ହାତୀ ଗୋବର ହେଲେ ଭଲ) ଓ ଘାସରେ ମିଶାଇ ବଡ଼ ବଡ଼ ଗୁଳା ସବୁ ପ୍ରସ୍ତୁତ କରିଥାନ୍ତି । ଗୁଳା ଶୁଖିଗଲା ପରେ ତାହାକୁ ନିଜ ଫସଲ କ୍ଷେତର ଚାରିପଟେ ରଖି ନିଆଁ ଲଗାଇଥାନ୍ତି । ଏହି ଘସି ପ୍ରାୟ ୪-୫ ଘଣ୍ଟା ପର୍ଯ୍ୟନ୍ତ ଜଳିଥାଏ ଏବଂ ଏଥିରୁ ଉଠୁଥିବା ଲଙ୍କାମିଶ୍ରିତ ଉତ୍କଟ ଧୂଆଁ ପବନର ଦିଗରେ ବହୁତ ଦୂର ପର୍ଯ୍ୟନ୍ତ ଅତିକ୍ରମ କରିଥାଏ ଯାହା ହାତୀଙ୍କ ଲାଗି ଅସହନୀୟ ହୋଇଥାଏ । ସେମାନେ ଏହି ଧୂଆଁର ବିପରୀତ ଦିଗକୁ ପଳାୟନ କରିଥାନ୍ତି । ଏହି ପ୍ରକ୍ରିୟା ମନୁଷ୍ୟ-ହାତୀ ସଂଘର୍ଷକୁ ବହୁ ପରିମାଣରେ ରୋକିପାରିଛି ।

### ଶବ୍ଦର ପ୍ରୟୋଗ

ଶ୍ରୀଲଙ୍କା, ନାମ୍ବିଆ ଏବଂ କେନିଆ ଦେଶରେ ଚାଷ କ୍ଷେତ ନିକଟରେ ଧାଡ଼ି ଧାଡ଼ିକରି ୧୨ ଫୁଟ ଉଚ୍ଚର ଖୁଣ୍ଟ ପୋତାଯାଇଥାଏ । ଏହି ଖୁଣ୍ଟରେ ତାର ବନ୍ଧାଯାଇ ସେହି ତାରରେ ଗାଈ, ମଇଁଷିଙ୍କ ଦେହରେ ବନ୍ଧାଯାଇଥିବା ଘଣ୍ଟି ବନ୍ଧାଯାଏ । ଏହା ଛଡ଼ା ତାରରେ ଯୋଡ଼ା ଯୋଡ଼ା ପ୍ଲାଷ୍ଟିକ୍ କିମ୍ବା ଟିଣ ଡବା ବନ୍ଧାଯାଏ । କେତେକ ଅଞ୍ଚଳରେ ଭିଡିଓ ବା ଅଡିଓ ଟେପ୍‌କୁ ଖୋଲି ତାହାକୁ କ୍ଷେତ ପାଖ ଖୁଣ୍ଟରେ ବାନ୍ଧି ଦିଆଯାଏ । ପବନ ହେବା ଦ୍ୱାରା ଏହି ଘଣ୍ଟି, ଡବା ତଥା ଟେପରୁ ଶବ୍ଦ ବାହାରିଥାଏ । ଏହା କିଛି ଦୂର ପର୍ଯ୍ୟନ୍ତ ଶୁଭାଯାଇଥାଏ । ଫଳରେ ହାତୀ ତଥା ଅନ୍ୟାନ୍ୟ ବନ୍ୟପ୍ରାଣୀ ଏପରିକି ପକ୍ଷୀମାନେ ବି ଚାଷକ୍ଷେତର ପାଖକୁ ଆସିବାକୁ ଭୟ କରିଥାନ୍ତି । ଫଳରେ ଚାଷୀର କ୍ଷେତ ସୁରକ୍ଷିତ ରହିଥାଏ । ଏହି ପଦ୍ଧତି ଖୁବ କମ ଖର୍ଚ୍ଚରେ ହୋଇଥାଏ । ଯଦିଓ କେତେକ ଅଞ୍ଚଳରେ ହାତୀଙ୍କର ଏହା ଅଭ୍ୟାସଗତ ହୋଇସାରିଛି, ତଥାପି ଏହା ସେଠାରେ ବହୁତ ଉପଯୋଗୀ ସାବ୍ୟସ୍ତ ହୋଇଅଛି ।

### ଅନ୍ୟାନ୍ୟ ପ୍ରତିଷେଧକ ସୂଚନା

- ସୂର୍ଯ୍ୟାସ୍ତ ପରେ ନିଶାସକ୍ତ ହୋଇ ବୁଲନ୍ତୁ ନାହିଁ । କାରଣ ନିଶାର ପ୍ରଭାବ ଦ୍ୱାରା ନିଜକୁ ହାତୀ କବଳରୁ ରକ୍ଷା କରିପାରିବେ ନାହିଁ ।
- ଘର ମଧ୍ୟରେ କଞ୍ଚା ମହୁଲ, ମହୁଲି ମଦ, ହାଣ୍ଡିଆ ମଦ ରଖନ୍ତୁ ନାହିଁ । ଯେଉଁଦିନ ଧାନ ଉଷୁଆଁଯାଉଛି ଏବଂ ଧାନ ଶୁଖିଲା ପର୍ଯ୍ୟନ୍ତ ଅଧିକ ସତର୍କତା ଅବଲମ୍ବନ କରନ୍ତୁ । ହାତୀ ଆକ୍ରମଣ ଏବଂ ଘର ଭାଙ୍ଗିବା ଏହି ସମୟରେ ହିଁ ଅଧିକ ହୋଇଥାଏ । ଘର ଭିତରେ କାନ୍ଥକଡ଼ରେ ଧାନ ବସ୍ତା ରଖିଥିଲେ ବାହର ପଟ କାନ୍ଥକୁ ଲଗାଇ ଝାଟି, କାଠ ରଖିବା ସହ ତାହା ଉପରେ ରାତ୍ରି ସମୟରେ ଫିନାଇଲ କିମ୍ବା ସେହିଭଳି ଉତ୍କଟ ଗନ୍ଧ ସୃଷ୍ଟି କରୁଥିବା ପଦାର୍ଥର ସିଞ୍ଚନ କରନ୍ତୁ । ସିଞ୍ଚନକୁ ଅଧିକ ସମୟ ସ୍ଥାୟୀ ରଖିବା ପାଇଁ ଅଖା, ମୋଟା କପଡ଼ାର ବ୍ୟବହାର କରାଯାଇପାରେ ।
- ଘରବାଡ଼ିରେ କିମ୍ବା ନିକଟରେ ବାଉଁଶ,କଦଳୀ, ଆଖୁ, ପଣସ ଆଦି ଗଛ ଲଗାନ୍ତୁ ନାହିଁ ।
- ଚାଷଜମିକୁ ଲଗାଇ ବାସଗୃହ ନିର୍ମାଣ କରନ୍ତୁ ନାହିଁ ।
- ରାତ୍ରି ସମୟରେ ହାତୀ ଗ୍ରାମକୁ ପଶିଥିବାର ଜାଣିଲେ ବାହାରେ ଏଣେତେଣେ ଦୌଡାଦୌଡି ନକରି ଘରେ ଚୁପ ହୋଇ ରହନ୍ତୁ । ବାହାରେ ବୁଲିବା ଅପେକ୍ଷା ଘରେ ଆପଣ ଅଧିକ ସୁରକ୍ଷିତ ରହିପାରିବେ ।
- ହାତୀକୁ କୌଣସି ପ୍ରକାରେ ତୀର, ଗୁଳି ମାରିବା, ନିଆଁ ଲଗାଇ ଦେବା, କିରୋସିନ ଫୋପାଡ଼ିବା ଆଦି କାର୍ଯ୍ୟ କରନ୍ତୁ ନାହିଁ । ଏହା ହାତୀକୁ ଉତ୍ୟକ୍ତ କରିବା ସହିତ ଆକ୍ରମଣ କରିବା ଲାଗି ପ୍ରୋତ୍ସାହିତ କରିଥାଏ । କେତେକ କ୍ଷେତ୍ରରେ ଏହା ମଣିଷ ମରା ହାତୀ ସୃଷ୍ଟି କରିଥାଏ ।
- ଜଣେ ବିଖ୍ୟାତ ଶିକାରୀ ତଥା ସଂରକ୍ଷଣ ପ୍ରେମୀଙ୍କ ସୂଚନା ଅନୁଯାୟୀ ଯଦି ହାତୀ ସାମ୍ନାରେ ଦୌଡ଼ିବାକୁ ହୁଏ, ତେବେ ସିଧା ନଦୌଡ଼ି ଅଙ୍କା ବଙ୍କା ହୋଇ ଦୌଡ଼ନ୍ତୁ (ଯେପରି ହାତୀ ଅନିଶ୍ଚିତ ହୋଇ ପଡ଼ିବ ଯେ ଲୋକଟି କେଉଁ ଦିଗରେ ଯାଉଛି) ଓ ମଝିରେ ମଝିରେ ନିଜ ପାଖରେ ଥିବା ଲୁଗା, ଟୋପି, ଛତା ଆଦି ପକାଇ ଯାଆନ୍ତୁ କାରଣ ହାତୀ ସେଠି ଅଟକିଯାଇ ତା'କୁ ଦଳିଦେବା ବେଳେ କିଛି ସମୟ ମିଳିଯାଇପାରେ ।

### ମହୁମାଛି ପାଳନ

କେତେକ ଅଞ୍ଚଳରେ ଚାଷୀମାନେ ନିଜର ଫସଲ କ୍ଷେତକୁ ରକ୍ଷା କରିବା ଲାଗି କ୍ଷେତ ନିକଟରେ ମହୁମାଛି ପାଳନ କରିଥାନ୍ତି । ଏହାର କାରଣ ହେଲା ହାତୀ ମହୁମାଛିର ଆକ୍ରମଣକୁ ଡରିଥାନ୍ତି । ଏଥିରେ ଚାଷୀମାନେ ମହୁବାକ୍ସକୁ ଏକ ତାର ସଂଯୋଗ କରିଥାନ୍ତି ଯାହା ଫସଲ କ୍ଷେତକୁ ଘେରାଇ ରଖିଥିବା ଖୁଣ୍ଟ ସହିତ ସଂଯୁକ୍ତ ହୋଇଥାଏ । ହାତୀ କ୍ଷେତକୁ ପ୍ରବେଶ କଲା ମାତ୍ରେ ତାର ହଲିଥାଏ ଓ ଏଥିରୁ ସୃଷ୍ଟି ହେଉଥିବା କମ୍ପନ ମହୁମାଛିଙ୍କୁ ଜାଗ୍ରତ କରିବା ସହିତ ଆକ୍ରମଣ କରିବା ଲାଗି ପ୍ରୋତ୍ସାହନ ଦେଇଥାଏ । ହାତୀ ମହୁମାଛିର ଆକ୍ରମଣରୁ ନିଜକୁ ରକ୍ଷା କରିବା ଲାଗି ସ୍ଥାନ ଛାଡ଼ି ପଳାୟନ କରିଥାଏ । ତେବେ ଏହା କେବଳ ଦିନ ବେଳା ହିଁ ସମ୍ଭବ ହୋଇଥାଏ କାରଣ ମହୁମାଛି ରାତ୍ରିରେ ସକ୍ରିୟ ହୋଇପାରନ୍ତି ନାହିଁ ।

### ଗୃହ ନିର୍ମାଣ

ହାତୀର ଦୃଷ୍ଟି ଶକ୍ତି ଓ ରଙ୍ଗ ବାରିବା ଶକ୍ତି ଦୁର୍ବଳ ବୋଲି ବୈଜ୍ଞାନିକ ମତ କହିଥାଏ, କିନ୍ତୁ ଲୋକମତ ଅନୁଯାୟୀ ଦେଖାଯାଇଛି ଯେ, ଯେଉଁ ଘର ଧଳା ବା ସେହିଭଳି ଉଜ୍ଜ୍ୱଳ ରଙ୍ଗର ହୋଇଥାଏ, ସେହି ଘରକୁ ହାତୀ ବିଶେଷ ଭାବେ ଆକ୍ରମଣ କରିଥାନ୍ତି । କିନ୍ତୁ ମାଟିଆ, ସବୁଜ ରଙ୍ଗର ଘରକୁ ଆକ୍ରମଣ କରିନଥାନ୍ତି ବା ଖୁବ କ୍ୱଚିତ ଆକ୍ରମଣ

କରିଥାନ୍ତି । ତେଣୁ ନିଜର ଘରକୁ ଉପରୋକ୍ତ ରଙ୍ଗରେ ରଖିଲେ ହାତୀ ଆକ୍ରମଣ କରିନଥାଏ । ଦେଖାଯାଇଛି ଯେ, ମାଟି ଉପରେ ଥିବା ଘରଠାରୁ ଖୁଣ୍ଟ ବା ପୋଲ୍ ଉପରେ ନିର୍ମାଣ କରାଯାଇଥିବା ଘର ହାତୀ ଆକ୍ରମଣରୁ ସବୁବେଳେ ରକ୍ଷାପାଇଥାଏ । ଏଥିଲାଗି କଂକ୍ରିଟ ଖୁଣ୍ଟ ଓ ଘର ଅଧିକ ଉପଯୋଗୀ ଅଟେ । ତେଣୁ ଏହାକୁ ନେଇ ପରୀକ୍ଷାନିରୀକ୍ଷା କରାଯାଇପାରେ । ହାତୀ ଉପଦ୍ରବ ହେଉଥିବା ସ୍ଥାନରେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଇନ୍ଦିରା ଆବାସ ଯୋଜନାରେ ଏହିଭଳି ଘର ନିର୍ମାଣ କରିବା ପାଇଁ ପ୍ରସ୍ତାବ ରଖାଯାଇପାରେ । ସ୍ଥାନୀୟ ଲୋକେ ମଧ୍ୟ ଏଭଳି ଘର ନିଜେ ନିର୍ମାଣ କରିପାରନ୍ତି ।

**ମଞ୍ଚାରେ ପାଳିକରି ଜଗିବା**

ହାତୀଦଳ ଆସିଲେ କେବଳ ଜଣଙ୍କର ଫସଲ କ୍ଷେତ ନଷ୍ଟ ହୋଇନଥାଏ, ବହୁ ଚାଷୀଙ୍କର ଫସଲ ନଷ୍ଟ ହୋଇଥାଏ । ତେଣୁ ଫସଲ କ୍ଷେତ ନିକଟରେ ପ୍ରତି ଆଗପଛ ଆଧାରରେ ଅଧ କିଲୋମିଟର ଦୂରତା ରଖି ୨୦ ଫୁଟ ଉଚ୍ଚତାର ମଞ୍ଚା ନିର୍ମାଣ କରନ୍ତୁ । ମୋଟା ଗଛ ଥିଲେ ଖୁବ ଭଲ । ଏହା ହାତୀକୁ ଦୂରରୁ ଦେଖିବା, ଅନ୍ୟ ମଞ୍ଚାକୁ ସୂଚନା ଦେବା ଏବଂ ସତର୍କ ହେବାଲାଗି ଯଥେଷ୍ଟ ସମୟ ଦେବା ସହିତ ନିଜକୁ ପ୍ରସ୍ତୁତ କରିବା ଲାଗି ସହାୟତା କରିଥାଏ । ମଞ୍ଚାରେ ବାଣ, ଚାର୍ଜଲାଇଟ, ବାଜା, ଟିଣ ଆଦି ରଖନ୍ତୁ । ଆବଶ୍ୟକ ହେଲେ ଫୁଟାନ୍ତୁ । ମଞ୍ଚାରେ ୨ ଜଣ ଲୋକ ରୁହନ୍ତୁ । ଅଧିକ ଲୋକ ରୁହନ୍ତୁ ନାହିଁ । ମଞ୍ଚାରେ ଉଜ୍ଜ୍ୱଳ ଆଲୋକ ଜଳାନ୍ତୁ, ଉଚ୍ଚ ନିଆଁ ଜଳାଇ ପାରନ୍ତି ଯେପରି ଏହା ଦୂରକୁ ଦେଖାଯିବ ଏବଂ ହାତୀ ଆସିବାକୁ ସଙ୍କୋଚ କରିବେ । ତେବେ ମଞ୍ଚାରେ ବସିବା ଲାଗି ପ୍ରତିଟି ଚାଷୀ ଆସିବା ନିହାତି ଜରୁରୀ ନୁହେଁ । ସେମାନେ ନିଜେ ପାଳିକରି ଫସଲ ଜଗିପାରିବେ । ଏହା ଅଧିକ ଉପଯୋଗୀ ହୋଇପାରିବ ।

**ହାତୀର ମନସ୍ତତ୍ତ୍ୱ ବୁଝିବା**

ମନୁଷ୍ୟଠୁ ଆରମ୍ଭ କରି କୀଟପତଙ୍ଗ ପର୍ଯ୍ୟନ୍ତ ସମସ୍ତଙ୍କର ମନସ୍ତତ୍ତ୍ୱ ରହିଛି । ଏହି ମନସ୍ତତ୍ତ୍ୱକୁ ବୁଝିବା ଆବଶ୍ୟକ ଏବଂ ଏଥିଲାଗି ଗବେଷଣା କରାଯିବା ଦରକାର । ସେ ଯାହାହେଉ ଲୋକଙ୍କ କହିବା ଅନୁସାରେ ଏପରି ଅନେକ ଉଦାହରଣ ରହିଛି, ଯେଉଁଠାରେ ଦେଖାଯାଇଛି ଯେ, ଯେଉଁ ବ୍ୟକ୍ତି ଯେଉଁ ହାତୀକୁ ଆକ୍ରମଣ କରିଥିଲା ସେହି ହାତୀ ସେହି ବ୍ୟକ୍ତିକୁ ହିଁ ଆକ୍ରମଣ କରିଛି ଏବଂ ଦଳି ମାରିଦେଇଛି । ହାତୀର ସ୍ୱାଦ ବାରିବାର କ୍ଷମତା ଅଛି ଏବଂ ଥରେ ଯେଉଁଠାରୁ ମନଲାଖି ଖାଦ୍ୟ ପାଇଛି ସେଠାକୁ ବାରମ୍ବାର ଯାଇଛି । କଦଳୀ ବଗିଚା, ଆଖୁ ବଗିଚାରେ ବାରମ୍ବାର ଉପଦ୍ରବ ଏହାର ଉଦାହରଣ । ତେବେ ସବୁ ଅଞ୍ଚଳରେ ସମାନ ଧରଣର ହାତୀ ନଥାନ୍ତି । ସବୁ ହାତୀ ମଧ୍ୟ ଆକ୍ରମଣ କରିନଥାନ୍ତି । କିଛି ହାତୀ ଆକ୍ରମଣ କରିଥାନ୍ତି । ତେବେ କେଉଁ ହାତୀ ଆକ୍ରମଣାତ୍ମକ ସେକଥା ସମ୍ପୃକ୍ତ ସ୍ଥାନୀୟ ଗ୍ରାମବାସୀ କହିପାରିବେ । ସେମାନେ ସମ୍ପୃକ୍ତ ହାତୀ ବାବଦରେ ବନ ବିଭାଗକୁ ତଥ୍ୟ ଜଣାଇପାରିବେ । ବନ ବିଭାଗ ଏଥିରେ ସହାୟତା କରିପାରିବ ।



**ଶେଷକଥା**

ଆମେ ସମସ୍ତେ ଜାଣୁ ଯେ, ହାତୀ ଉପଦ୍ରବ ଏକ ମନୁଷ୍ୟକୃତ ସମସ୍ୟା । ଏହି ସମସ୍ୟାକୁ ମନୁଷ୍ୟ ହିଁ ସମାଧାନ କରିବା ଦରକାର । ଉପରେ ପ୍ରଦାନ କରାଯାଇଥିବା ସମସ୍ତ ପଦ୍ଧତି ଓ ପ୍ରକ୍ରିୟା ସ୍ଥାୟୀ ନୁହେଁ ବରଂ ଏହା ସାମୟିକ ସମାଧାନ ମାତ୍ର । ଆମର ଚାଷୀଭାଇମାନେ ଏହାକୁ ନିଜେ ଉପଯୋଗ କରିପାରନ୍ତି । ତେବେ ଏହାର ସ୍ଥାୟୀ ସମାଧାନ କରିବା ନିହାତି ଦରକାର । ଜଙ୍ଗଲର ଅବକ୍ଷୟ, ବାସସ୍ଥଳୀ ଧ୍ୱଂସ ଏବଂ ଖାଦ୍ୟ ନମିଳିବା ଆଦି କାରଣ ହାତୀକୁ ମନୁଷ୍ୟ ଉପରେ ଆକ୍ରମଣ କରିବା ଲାଗି ବାଧ୍ୟ କରୁଛି । କଥାକଥାକେ ଆମେ କହୁ ଯେ, ହାତୀପଲ ଜଙ୍ଗଲ ଛାଡ଼ି ସହର, ଗାଆଁକୁ ଚାଲିଆସିଲେ । ହାତୀ ଉପଦ୍ରବ କଲେ । ପ୍ରକୃତରେ ସେୟା ନୁହେଁ ବରଂ ଆମର ଗାଆଁ ଓ ସହର ଜଙ୍ଗଲ ଭିତରକୁ ଚାଲିଯାଇଛି । ଆମେ ଆମର ଖାଦ୍ୟ ପାଇବା ଲାଗି ହାତୀର ଖାଦ୍ୟକୁ ଛଡ଼ାଇ ଆଣିଛୁ । ତେଣୁ ହାତୀ ଆମର ଖାଦ୍ୟ ଖାଉଛି । ହାତୀ ଉପଦ୍ରବ କରୁନାହିଁ, ଆମେ ଜଙ୍ଗଲରେ ଉପଦ୍ରବ କରୁଥିବାର ଫଳ ପାଉଛୁ । କିନ୍ତୁ ଜୀବନଧାରଣର ଅଧିକାର କଥା ଆସିଲେ ଉଭୟଙ୍କର ବଞ୍ଚିବାର ଅଧିକାର ଅଛି । ପରିବେଶ ଲାଗି ଉଭୟଙ୍କର ବଞ୍ଚିବା ନିହାତି ଜରୁରୀ । ଯଦିବା ସବୁ ଦୋଷ ହାତୀ ଉପରେ ଛାଡ଼ିଦେବା, ତେବେ ହାତୀ ସିନା ପଶୁଟିଏ ବୋଲି କ'ଣ କରୁଛି ବୁଝିପାରୁନି, କିନ୍ତୁ ଆମେ ତ ମଣିଷ ନା ! ପୃଥିବୀର ସର୍ବଶ୍ରେଷ୍ଠ ବୁଦ୍ଧିମାନ ଜୀବ ! ଆମେ କ'ଣ ହାତୀକୁ ସୁରକ୍ଷା କରିପାରିବାନି ? ତା' ଜଙ୍ଗଲ ତାକୁ ଫେରାଇ ଦେଇପାରିବାନି ?

✧

**ସବ୍ୟସାଚୀ ରଥ**

# ଚଢ଼େଇ ଛାଡ଼ିବେ ଚିଲିକା !




ଏକଦା ହଜାର ହଜାର ହଂସଙ୍କ ଉଡ଼ନ୍ତା ଛାୟାରେ ଚିଲିକାର ଜଳ ଘନନୀଳ ହୋଇଯାଉଥିବା କଥା କହନ୍ତି ବିଶିଷ୍ଟ ପକ୍ଷୀ ବିଶାରଦ ଡ଼ଃ ଉଦୟ ନାରାୟଣ ଦେବ। ଶ୍ରୀ ଦେବଙ୍କ ମତରେ ବିଶ୍ୱର ସବୁ ପ୍ରକାର ଜଳଚର ପକ୍ଷୀଙ୍କୁ ଭିନ୍ନ ଭିନ୍ନ ଋତୁରେ ଚିଲିକାରେ ଦେଖିବାକୁ ମିଳେ। ଜଳବାୟୁ ପରିବର୍ତ୍ତନର ପ୍ରଭାବ, ଅଧିକ ସାମୁଦ୍ରିକ ଲୁଣା ପାଣିର ପ୍ରବେଶ, ୨୫ରୁ ଉର୍ଦ୍ଧ୍ୱ ନଦୀ ଓ ନାଳର ଜଳ ଚିଲିକାରେ ପହଞ୍ଚିବାରେ ବାଧା, ଜଳଜ ଉଦ୍ଭିଦଗୁଡ଼ିକର ସଂଖ୍ୟା ହ୍ରାସ, ଶିକାରୀମାନଙ୍କ ଲୋଲୁପ ଦୃଷ୍ଟି, ଆଶ୍ରୟ ସ୍ଥଳଗୁଡ଼ିକରେ ଶାନ୍ତି ନଷ୍ଟ, ଯନ୍ତ୍ର ଚାଳିତ ଡଙ୍ଗାର ବହୁଳ ପ୍ରଚଳନ, ଚିଲିକା ଜଳରେ ଡିଜେଲ ଓ ଅନ୍ୟାନ୍ୟ ବର୍ଜ୍ୟ ବସ୍ତୁର ମିଶ୍ରଣ ଆଦି ଅନେକ କାରଣରୁ ଚିଲିକାକୁ ଯେଉଁ ପକ୍ଷୀମାନେ ଅନ୍ତରଙ୍ଗ ଆଶ୍ରୟ ବୋଲି ମନେ କରୁଥିଲେ ସେମାନେ ଏବେ ନିଜ ବସାଘର କରିଥିବା ସ୍ଥାନଗୁଡ଼ିକୁ ବଦଳାଇ ଦେଇଛନ୍ତି। ପକ୍ଷୀତୀର୍ଥ କୁହାଯାଉଥିବା ଚିଲିକାର ନଳବଣରେ ଆଗରୁ ଯେତିକି ପକ୍ଷୀ ସମାଗମ ହେଉଥିଲେ ଏବେ ସେଠି ସେତିକି ସଂଖ୍ୟକ ପକ୍ଷୀ ନଥିବା ଗତ ପକ୍ଷୀ ଗଣନାରୁ ଜଣାପଡ଼ିଛି। ନଳବଣ ସହିତ ଅନ୍ୟାନ୍ୟ କେତେକ ହାତ ଗଣତି ସ୍ଥାନଗୁଡ଼ିକର ପକ୍ଷୀମାନଙ୍କ ସଂଖ୍ୟା କାହିଁକି ହ୍ରାସ ପାଉଛି ତାହାର ଗବେଷଣା ହେବା ସହ ସମାଧାନ ଲାଗି କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯିବାର ଆବଶ୍ୟକତା ରହିଛି।

ଚଳିତ ବର୍ଷ ୧୬୭ ପ୍ରକାର ପ୍ରଜାତିର ୮ଲକ୍ଷ ୮୩ ହଜାର ୬୦ଟି ପକ୍ଷୀ ଚିଲିକାକୁ ଆସିଥିଲେ। ଏହା ୨୦୧୧ ବର୍ଷ ତୁଳନାରେ ଅଧିକ ଥିଲା। ୨୦୧୧ ତୁଳନାରେ ୭୮,୬୦୮ ଅଧିକ ପକ୍ଷୀ ଆସିଥିବା ସତ୍ତ୍ୱେ ପକ୍ଷୀ ଅଭୟାରଣ୍ୟ ନଳବଣରେ କିନ୍ତୁ ପୂର୍ବ ବର୍ଷ ତୁଳନାରେ କମ ପକ୍ଷୀ ଥିବା ଦେଖାଯାଇଥିଲା। ପକ୍ଷୀମାନେ ଅଭୟାରଣ୍ୟ ବାହାରେ ମଙ୍ଗଳାଯୋଡ଼ି, ଜଟିଆନାସି, ଗୋଖରକୁଦା, ଖଟିଆକୁଦି ଆଦି ଅଞ୍ଚଳରେ ଯାଇ ରହୁଥିବା ଗଣନା ସମୟରେ ଦେଖାଯାଇଥିଲା। ଚଳିତ ବର୍ଷ ଚିଲିକାକୁ ଆସିଥିବା ବିଭିନ୍ନ ପ୍ରଜାତିର ପକ୍ଷୀମାନଙ୍କ ପ୍ରଜାତି ଓ ସଂଖ୍ୟା ନିମ୍ନରେ ସାରଣୀ-୧ରେ ପ୍ରଦତ୍ତ କରାଯାଇଛି।

### ୨୦୧୨ ଚିଲିକା ପକ୍ଷୀ ଗଣନା

୧୧୩୫ ବର୍ଗକି.ମି. ପରିମିତ ଚିଲିକାର ଜଳରାଶି ଉପରେ ୮ଲକ୍ଷ ୬୮ହଜାର ୫୧୩ ପକ୍ଷୀଙ୍କ ମଧ୍ୟରୁ ଚିଲିକା ତଟବର୍ତ୍ତୀ ଅଞ୍ଚଳମାନଙ୍କରେ ୧୪ହଜାର ୫୪୮ଟି ପକ୍ଷୀଙ୍କ ଦେଖା ମିଳିଥିଲା। ସର୍ବାଧିକ ପକ୍ଷୀ ଟାଙ୍ଗି ରେଞ୍ଜର ମଙ୍ଗଳାଯୋଡ଼ି, ବାଲିପାଟପୁର, ସୁନ୍ଦରପୁର ଅଞ୍ଚଳରେ ଥିଲେ। ସେମାନଙ୍କ ସଂଖ୍ୟା ଏହି ସବୁ ସ୍ଥାନ ଗୁଡ଼ିକରେ ୧ଲକ୍ଷ ୩୮ହଜାର ୨୭୮ଥିଲା। ସାତପଡ଼ା, ନଳବଣର ୩ନମ୍ବର ଟାୱାର

**ସାରଣୀ-୧ : ୨୦୧୨ ମସିହାରେ ଚିଲିକାକୁ ଆସିଥିବା ପକ୍ଷୀ ସଂଖ୍ୟା**

| କ୍ର.ସଂ. | ପ୍ରଜାତିର ନାମ ପକ୍ଷୀଙ୍କ ସଂଖ୍ୟା | ଚିଲିକାକୁ ଆସିଥିବା ସଂଖ୍ୟା |
|---|---|---|
| ୧. | ଫ୍ଲେମିଙ୍ଗୋ | ୧୨୫ |
| ୨. | ଗଡ଼ୱାଲ୍ | ୧,୪୯,୭୪୬ |
| ୩. | ପ୍ରିଣ୍ଟେଲ | ୧,୨୩,୭୭୫ |
| ୪. | ସୋକଲର୍ | ୫୧,୦୮୨ |
| ୫. | ଉଇଜନ୍ | ୧,୦୯,୭୭୦ |
| ୬. | ଲିଟିଲ ମରାଷ୍ଟ | ୧୨,୨୪୨ |
| ୭. | ଏସିଆନ ଓପନ୍‌ବିଲ | ୧୮,୬୫୭ |
| ୮. | କମନ କୁଟ୍ | ୨୩,୭୬୭ |
| ୯. | ଗ୍ରାଗେନି | ୧୧,୨୧୮ |
| ୧୦. | ଗଡ଼ୱେଟ୍ | ୨,୦୪,୧୬୩ |
| ୧୧. | ମୋଗୋଲିୟନ କୋଭର୍ | ୧୪,୮୮୫ |
| ୧୨. | କ୍ୟାଟେଲ ଇଗ୍ରେଡ୍ | ୮,୮୭୪ |
| ୧୩. | କମନ ଗୋଚାର୍ଡ଼ | ୬,୨୨୯ |
| ୧୪. | ଜ୍ୟାକସ ନାଇଟ୍ | ୪ |
| ୧୫. | ବେଲିୟନ କ୍ରକ୍ | ୨ |
| ୧୬. | ୱାଟର ଭେଲ୍ | ୫ |
| ୧୭. | ଗ୍ରାଣ୍ଡ ପାଇପର୍ | ୩ |
| ୧୮. | ହ୍ୱାଇଟ ୱିଙ୍ଗବାର୍ଡ଼୍ | ୨ |
| ୧୯. | ୟୁରାନ ସିଆନ ସ୍ୱିନବୁଲ୍ | ୪୭ |

**ତଥ୍ୟ ଉତ୍ସ : ପକ୍ଷୀ ଗଣନା ବିବରଣୀ - ୨୦୧୨, ଜଙ୍ଗଲ ଓ ପରିବେଶ ବିଭାଗ**

ଅଞ୍ଚଳରେ ୧ଲକ୍ଷ ୨୪ହଜାର ୩୭୪ଟି ପକ୍ଷୀ ରହିଥିବାର ଦେଖାଯାଇଥିଲା। ନଳବଣର ୨ନମ୍ବର ଟାୱାର ଅଞ୍ଚଳରେ ୧ଲକ୍ଷ ୧୪ହଜାର ୭୧୨ଟି ପକ୍ଷୀ ରହିଥିବାର ଜଣାଯାଇଥିଲା। ସବୁଠାରୁ କମ ସଂଖ୍ୟକ ପକ୍ଷୀଙ୍କୁ ରମ୍ଭା ରେଞ୍ଜରେ ଦେଖା ଯାଇଥିଲା। ରମ୍ଭା ରେଞ୍ଜ ଅନ୍ତର୍ଗତ ଗୌରାଙ୍ଗପାଟଣା, ବୁଦ୍ଧିବରନାସୀରେ ମାତ୍ର ୫୨୧୦ଟି ପକ୍ଷୀ ଥିବା ଗଣନାକାରୀମାନେ ଦେଖିଥିଲେ। ୨୦୦୬-୦୭ ବର୍ଷରୁ ୨୦୧୦-୧୧ ବର୍ଷ ମଧ୍ୟରେ ଚିଲିକାକୁ ଆସିଥିବା ସମୁଦାୟ ପକ୍ଷୀ ଓ ନଳବଣରେ ଥିବା ପକ୍ଷୀଙ୍କ ସଂଖ୍ୟା ସାରଣୀ ୨ରେ ଉଲ୍ଲେଖ କରାଗଲା।

ବର୍ଷରେ ୫ଲକ୍ଷ ୮ହଜାର ୫୧ ପକ୍ଷୀ ନଳବଣକୁ ଆଶ୍ରୟସ୍ଥଳୀ ଭାବେ ଆଦରି ନେଇଥିଲେ। ଗତ ବର୍ଷ ମଧ୍ୟ ଏଠାରେ ୩,୮୨,୨୯୦ ପକ୍ଷୀଙ୍କ ସମାଗମ ହୋଇଥିଲା; କିନ୍ତୁ ଚଳିତ ବର୍ଷର ନଳବଣ ପୂର୍ବାପେକ୍ଷା ପକ୍ଷୀମାନଙ୍କ ପ୍ରିୟ ସ୍ଥାନ ହୋଇପାରିଲାନାହିଁ। ୨୦୦୭-୦୮ ତୁଳନାରେ ପାଖାପାଖି ଏକ ଲକ୍ଷରୁ ଉର୍ଦ୍ଧ୍ୱ ପକ୍ଷୀ ନଳବଣଠାରୁ ମୁହଁ ଫେରାଇନେଲେ।

ପକ୍ଷୀମାନଙ୍କ ମଧ୍ୟରେ ସବୁଠାରୁ ସୁନ୍ଦର ଓ ଆକର୍ଷଣୀୟ ପକ୍ଷୀ ଫ୍ଲେମିଙ୍ଗୋର ସଂଖ୍ୟା ମଧ୍ୟ ହ୍ରାସ ପାଇଥିଲା। ୨୦୧୧-୧୨ ବର୍ଷରେ ଏହି

| ସାରଣୀ-୨ | | |
|---|---|---|
| ମସିହା | ଚିଲିକାକୁ ଆସିଥିବା ପକ୍ଷୀ | ନଳବଣରେ ଥିବା ପକ୍ଷୀ |
| ୨୦୦୧-୦୨ | ୧୫,୨୩,୫୭୮ | ୨,୦୩,୨୦୨ |
| ୨୦୦୨-୦୩ | ୪,୫୪,୮୯୫ | ୧,୮୧,୨୬୮ |
| ୨୦୦୩-୦୪ | ୮,୬୫,୮୧୭ | ୨,୩୭,୨୩୬ |
| ୨୦୦୪-୦୫ | ୯,୫୮,୬୮୧ | ୨,୫୮,୬୬୦ |
| ୨୦୦୫-୦୬ | ୬,୭୯,୫୫୩ | ୧,୫୦,୬୭୦ |
| ୨୦୦୬-୦୭ | ୮,୩୯,୫୨୯ | ୧,୯୮,୫୪୭ |
| ୨୦୦୭-୦୮ | ୮,୯୨,୮୯୮ | ୪,୦୪,୯୦୦ |
| ୨୦୦୮-୦୯ | ୮,୯୦,୮୧୩ | ୫,୧୩,୪୫୮ |
| ୨୦୦୯-୧୦ | ୯,୨୪,୫୭୮ | ୫୦,୮୫୧ |
| ୨୦୧୦-୧୧ | ୮,୦୪୪୫୨ | ୩,୮.୨୯୦ |
| ୨୦୧୧-୧୨ | ୮,୮୩,୦୬୦ | ୩,୧୮,୧୦୮ |

ତଥ୍ୟ ଉତ୍ସ : ବନ ଓ ପରିବେଶ ବିଭାଗ

୨୦୦୭-୦୮ ବର୍ଷରେ ଚିଲିକାକୁ ଆସିଥିବା ସମୁଦାୟ ୮,୯୨,୮୯୮ ପକ୍ଷୀଙ୍କ ମଧ୍ୟରୁ ନଳବଣର ପକ୍ଷୀ ସଂଖ୍ୟା ପାଖାପାଖି ଅଧା ରହିଥିଲା। ସେହି ସମୟ ମଧ୍ୟରେ ନଳବଣକୁ ୪,୦୪,୯୦୦ ପକ୍ଷୀ ଆସିଥିବା ଗଣନାରୁ ଜଣାପଡ଼ିଥିଲା। କେବଳ ୨୦୦୭-୦୮ ବର୍ଷ ନୁହଁ ତାର ପରବର୍ତ୍ତୀ ୩ବର୍ଷ ଧରି ବିଦେଶୀ ପକ୍ଷୀମାନଙ୍କ ଆଶ୍ରୟ ସ୍ଥଳୀ ଥିଲା ନଳବଣ। ୨୦୦୧ ମସିହାଠାରୁ ୨୦୧୨ ମସିହା ପର୍ଯ୍ୟନ୍ତ ନଳବଣକୁ ସବୁଠାରୁ ବେଶୀ ପକ୍ଷୀ ସମାଗମ ହେବାର ବର୍ଷ ଥିଲା ୨୦୦୮-୦୯। ଏହି ବର୍ଷରେ ଚିଲିକାର ନଳବଣରେ ପହଞ୍ଚିଥିଲେ ୫ଲକ୍ଷ ୧୩ହଜାର ୪୫୮ ପକ୍ଷୀ। ୨୦୦୯-୧୦

ପ୍ରଜାତିର ମାତ୍ର ୨୬ଟି ପକ୍ଷୀଙ୍କୁ ଚିଲିକାରେ ଦେଖିବାକୁ ମିଳିଛି।

ଚିଲିକାକୁ ଅସିଥିବା ବାରଟେଲଡଗଡ ଉଇଜ ନାମକ ୮ଟି ପକ୍ଷୀଙ୍କ ଦେହରେ ଇଲୋକ୍ଟ୍ରୋ ଟ୍ରାନ୍ସମିଟର ଲଗାଯାଇ ତାଙ୍କୁ ଉଡ଼ାଇ ଦିଆଯିବା ପରେ ସେମାନେ ମିଳିତ ହୋଇ ନିଉଜିଲାଣ୍ଡ ଦେଶ ଆଲାସ୍କାରୁ ୧୧ହଜାର ୭୦୦ କିଲୋମିଟର ମାତ୍ର ୯ ଦିନରେ ଉଡ଼ିଆସି ଚିଲିକାରେ ପହଞ୍ଚିଥିବା ଜଣାପଡ଼ିଛି। ୧୧୩୫ ବର୍ଗ କି.ମି. ପରିମିତ ଚିଲିକାରେ ନିର୍ଭର ଆର୍ଦ୍ରଭୂମିରେ ୮ଲକ୍ଷ ୬୮ହଜାର ୫୧୨ଟି ଏବଂ ଗଛ ଓ ପାଣିରେ ମାତ୍ର ୧୪ହଜାର ୫୪୮ଟି ପକ୍ଷୀ ଥିବା ଜଣାପଡ଼ିଛି। ବିଗତ ୩ବର୍ଷର ରେକର୍ଡ଼କୁ ଅନୁଧ୍ୟାନ କରାଗଲେ ଜଣାଯାଏ ଯେ, ପକ୍ଷୀ ଅଭୟାରଣ୍ୟ ନଳବଣରେ ୧୬୯ଟି ପ୍ରଜାତିର ପକ୍ଷୀ ଆସିଥିବା ବେଳେ ୧୬୭ଟି ପକ୍ଷୀ ଚିହ୍ନଟ ହୋଇଛି। ଦୁଇଟି ପ୍ରଜାତି ପକ୍ଷୀଙ୍କ ଚିହ୍ନବର୍ଣ୍ଣ ନାହିଁ। ଚଳିତ ବର୍ଷ ଗ୍ଲୋସିଆଦିସ୍ ନାମକ ନୂଆ ଅତିଥି ପକ୍ଷୀଙ୍କ ସଂଖ୍ୟା ୯୧୮ରେ ପହଞ୍ଚିଥିବା ଜଣାଯାଇଛି। ହ୍ୱାଇଟ ୱିଙ୍ଗଗର୍ଡ, ଗ୍ରାଣ୍ଡ ପାଇପର୍, ୱାଟର ଭେଲ୍, ବେଲିୟନ କ୍ରକ୍, ଜ୍ୟାକସ ନାଇଟ୍, ୟୁରାନସିଆନ୍ ସ୍ୱିନ୍‌ଗୁଲ୍ ଆଦି ପ୍ରଜାତି ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଉଥିବା ବେଳେ ଗଡ୍‌ୱେଟ ପ୍ରଜାତିର ପକ୍ଷୀ ସଂଖ୍ୟା ଶୀର୍ଷରେ ରହିଛି। ଚିଲିକାକୁ ସଂଖ୍ୟା ଦୃଷ୍ଟିରୁ ଅଧିକ ଆସିଥିବା ପକ୍ଷୀମାନଙ୍କ ଦ୍ୱିତୀୟ ସ୍ଥାନରେ ରହିଛି ଗଡ଼ୱାଲ, ତୃତୀୟ ସ୍ଥାନରେ ରହିଛି ପ୍ରିଣ୍ଟେଲ୍, ସେହିପରି ଉଇନେ, ସୋବଲର୍, କମନକୁଟ୍ କୋଉର୍, କ୍ୟାଟେଲ୍ ଇଗ୍ରେଡ୍ ଓ ଲିବିଲ୍ କମରାଷ୍ଟ୍ କ୍ରମାନ୍ୱୟରେ ତଳକୁ ତଳ ଅଛନ୍ତି।

**ପକ୍ଷୀ ଆସନ୍ତି କାହିଁକି ?**

ଚିଲିକାର ଜଳ ରାଶି ସଂପୂର୍ଣ୍ଣ ମଧୁର କି ସଂପୂର୍ଣ୍ଣ ଲୁଣିଆ ନୁହଁ। ସମୁଦ୍ର ଜଳରେ ୩୪-୩୫ ନିୟୁତାଂଶ (parts per million) ଲୁଣ ରହୁଥିବା ବେଳେ ଚିଲିକା ଜଳରେ ୭ରୁ ୧୦ ନିୟୁତାଂଶ ରହିଥାଏ। ଚିଲିକାର ଉତ୍ତର ପାର୍ଶ୍ୱରେ ଦୟା, ଭାର୍ଗବୀ, ରତ୍ନଚିତରା, ବାଣି ଓ ଲୁଣାନଦୀ ଚିଲିକାରେ ମିଶିଥିବା ବେଳେ ପଶ୍ଚିମ ପାର୍ଶ୍ୱରେ ମଲାଗୁଣି, ସାଲିଆ, କଂସାରି, କଳାଝରେ ଭଳି ୫୩ଟି ଛୋଟ ବଡ଼ ନଦୀ ନାଳ ମିଶିଛି। ଏହି ନଦ ନଦୀ ସଂଗମ ସ୍ଥଳୀରେ ହ୍ରଦର ଜଳ ମଧୁର ଏବଂ ଲୁଣା ଉଦ୍ଭିଦମାନଙ୍କୁ ସଂବର୍ଦ୍ଧିତ କରେ ଯାହା ମାଛ ଓ ପକ୍ଷୀଙ୍କ ଲୋଭନୀୟ ଆହାର। ଏକ ଆକଳନ ଅନୁଯାୟୀ ଏହି ନଦ ନଦୀ ଦ୍ୱାରା ପ୍ରତିବର୍ଷ ହ୍ରଦ ଗର୍ଭକୁ ପରିବାହିତ ୩ଲକ୍ଷ ୬୫ହଜାର ୫୦୦ଟନ୍ ପଟୁମାଟି ଚିଲିକା ଅଭ୍ୟନ୍ତରରେ ପକ୍ଷୀଙ୍କ ଆହାର ଯୋଗ୍ୟ ଉଦ୍ଭିଦ, ତୃଣ, କନ୍ଦ, କର୍କ ଜାତୀୟ ଗୁଳ୍ମଲତା ପ୍ଲାଙ୍କ୍ ଟନକୁ ପୁଷ୍ଟ କରାଏ ଏବଂ ଏହି ଜୈବ ବିବିଧତା ହିଁ ଚିଲିକାର ପ୍ରାଚୁର୍ଯ୍ୟ ଓ ବୈଶିଷ୍ଟ୍ୟ। ଚିଲିକାକୁ ପ୍ରତିବର୍ଷ ନଭେମ୍ବର ମାସରୁ ଫେବୃୟାରୀ ମାସ ମଧ୍ୟରେ ଦେଶୀୟ ଓ ବିଦେଶୀ

ପକ୍ଷୀଙ୍କର ସମାଗମ ହୁଏ । ଏହି ସମୟରେ ଶୀତ ପ୍ରଧାନ ଦେଶର ପ୍ରବଳ ଥଣ୍ଡାକୁ ସହି ନପାରି ଗ୍ରୀଷ୍ମ ପ୍ରଧାନ ଦେଶର କଅଁଳ ଶୀତର ପରଶ ଓ ଅଣ୍ଡାଦାନ ପାଇଁ ଚଢ଼େଇମାନେ ଚିଲିକାକୁ ଏକ ପ୍ରକୃଷ୍ଟ କ୍ଷେତ୍ର ବୋଲି ଶହ ଶହ ବର୍ଷ ପୂର୍ବରୁ ବାଛି ନେଇଥିବା ଗବେଷକମାନେ ସେମାନଙ୍କର ବହୁ ନିବନ୍ଧରେ ଦର୍ଶାଇଛନ୍ତି । ଚିଲିକା ହ୍ରଦରେ ୫୦ରୁ ୬୦ବର୍ଗ କି.ମି. ପରିବ୍ୟାପ୍ତିର ବେଣାଘାସ ଓ ଛେନାଘାସ ବଣରେ କାଆମ ଡ଼ାହୁକ ଜାତିର ପ୍ରାୟ ଆଠ ପ୍ରକାର ପକ୍ଷୀଙ୍କ ଦେଖାମିଳେ, ଯାହା ଭାରତ ବର୍ଷରେ ଅନ୍ୟତ୍ର ନାହିଁ । ଚାଷର ତୃଣଭୂମି ଅଞ୍ଚଳରୁ ଆସୁଥିବା କଳା ଅଣ୍ଟିଆରା, ଚରୁଆ ଗିରିଆ, ଦା ବେଣ୍ଟିଆ, ଦା ଚଢ଼େଇ ଭଳି ଦୁର୍ଲ୍ଲଭ ବ୍ରାଜକ ଚଢ଼େଇମାନେ ନଳ ଘାସ, ଛେନା ଘାସ, ଉଷୁମ ଜଳ କନ୍ଦା ଓ ଅନ୍ୟାନ ପ୍ରଚୁର ଜଳଜ ଉଭିଦ ଆଶାରେ କେବଳ ଚିଲିକାକୁ ହିଁ ଆସିଥାଆନ୍ତି । ଚିଲିକାକୁ ଆସୁଥିବା ୨୨୫ ପ୍ରକାର ପକ୍ଷୀଙ୍କ ମଧ୍ୟରେ ୪୩ ପ୍ରକାରଙ୍କ ସଂଖ୍ୟା ସର୍ବାଧିକ ଥିବାବେଳେ ୯ ପ୍ରକାର ପ୍ରଜାତି ଅତ୍ୟନ୍ତ ଦୁର୍ଲଭ ବିପଦାପନ୍ନ ଓ ଅପସୃୟମାଣ । ଚିଲିକାର ଅନ୍ୟତମ ଆକର୍ଷଣ ହେଉଛି ଏହାର ଆୟତନର ବିଶାଳତା ଓ ବିବିଧତା । ହ୍ରଦ କୂଳର ଉତ୍ତାପ ଶୀତ ଋତୁରେ ୧୪ଡ଼ିଗ୍ରୀ ଓ ଗ୍ରୀଷ୍ମରେ ସର୍ବାଧିକ ୪୦ଡିଗ୍ରୀ ମଧ୍ୟରେ ସୀମିତ ରହେ । ହ୍ରଦର କେନ୍ଦ୍ର ଓ ଅଭ୍ୟନ୍ତର ସ୍ଥଳୀରେ ଉତ୍ତାପ ୩୩ ଡିଗ୍ରୀରୁ କେବେ ଅଧିକ ହୁଏନାହିଁ । ନାତିଶୀତୋଷ୍ଣ ଜଳବାୟୁ ସହିତ ଚିଲିକା କୂଳରେ ପବନର ଗତି ଘଣ୍ଟାକୁ ୨୫କି.ମି. ରହୁଥିବା ବେଳେ ଚିଲକା ହ୍ରଦ ମଝିରେ ପବନର ଗତି ୫ରୁ ୧୬କି.ମି. ମଧ୍ୟରେ ସୀମିତ ରହେ । ହ୍ରଦ ମଧ୍ୟରେ ବହୁ କଣ୍ଟକିତ ବୁଦା ଓ କୋଳି ଗଛ ଥିବାରୁ ପକ୍ଷୀମାନଙ୍କ ରାତ୍ରିକାଳୀନ ବିଶ୍ରାମ ପାଇଁ ନିରୁପଦ୍ରୁତ ଆଶ୍ରୟସ୍ଥଳୀ ଭାବେ ଗଣାହୋଇଛି । ଦେଶର ୫ଟି ପ୍ରମୁଖ ପକ୍ଷୀ ଅଭୟାରଣ୍ୟ ଭରତପୁର, ପଙ୍ଗଡ୍ୟାମ୍, ହାରିକେଲେକ୍, ପଏଣ୍ଟ କାଲିମେର ଓ ଚିଲିକା ମଧ୍ୟରୁ ଚିଲିକାର ପରିବେଶ ପକ୍ଷୀଙ୍କ ପାଇଁ ସବୁ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇ ଆସିଥିଲା । ଏହାର ସୁରକ୍ଷା ପାଇଁ ୧୯୭୧ରେ ବିଶ୍ୱର ୧୬୩ଟି ସ୍ୱର୍ଣକାତର ଆର୍ଦ୍ରଭୂମି ଓ ଭାରତର ୧୯ଟି ଆର୍ଦ୍ରଭୂମି ମଧ୍ୟରୁ ଚିଲିକାକୁ ମାନ୍ୟତା ଦିଆ ଯାଇଥିଲା । କିନ୍ତୁ ଚିଲିକାର ମୁହାଣ ଖୋଳାଯିବା ଦ୍ୱାରା ସମୁଦ୍ରର ଲୁଣା ପାଣିର ଅବାଧ ପ୍ରବେଶ ଘଟିଲା । ଚିଲିକା ଦିନକୁ ଦିନ ଲୁଣିଆ ହେବା ସହିତ ମଧୁରାମ୍ଳ ଜଳକୁ ହରାଇ ବସିଲା । ଜଳରେ ବଢୁଥିବା ମତ୍ସ୍ୟ, ଉଭିଦ ତଥା ତୃଣ ପ୍ରଜାତି ଗୁଡ଼ିକ ଲୁଣା ସହି ପାରିଲେ ନାହିଁ । ନଳଘାସ ସହ ଅନେକ ଜଳଜ ଉଭିଦ ଚିହ୍ନଟ ହେବା ପୂର୍ବରୁ ବିଦାୟ ନେଲେ ।



**ପକ୍ଷୀଙ୍କ ପାଇଁ ବିପଦ: ବଦଳୁଛି ଚିଲିକାର ପରିସଂସ୍ଥା**

୨୦୦୮ ମସିହାରେ ଚିଲିକା ତଟବର୍ତ୍ତୀ ଅଞ୍ଚଳର ତାପମାତ୍ରା ୪୦ ଡ଼ିଗ୍ରୀକୁ ଟପିଯାଇଛି । ଚଳିତ ବର୍ଷ ଫେବୃୟାରୀ ମାସର ତାପମାତ୍ରା ପାଖାପାଖି ୨୩ଡିଗ୍ରୀରୁ ୩୮ଡିଗ୍ରୀରେ ପହଞ୍ଚିବା ଏକ ରେକର୍ଡ଼ । ଚିଲିକା-ସମୁଦ୍ର ମୁହାଣରେ ଥିବା ଝାଉଁ ଜଙ୍ଗଲ ନଷ୍ଟ ଯୋଗୁଁ ଚିଲିକା ହ୍ରଦର ଆଭ୍ୟନ୍ତରୀଣ ଅଞ୍ଚଳରେ ଓ କୂଳରେ ପବନର ଗତି ଘଣ୍ଟାପ୍ରତି ୨୫ କି.ମି.ରୁ ଦ୍ୱିଗୁଣିତ ହୋଇଯାଉଥିବା ଜଣାଯାଇଛି । ଚିଲିକା ହ୍ରଦ ମଝିରେ ପବନର ଗତିରେ ଏକ ବଡ଼ ଧରଣର ଫରକ ବିଗତ ୪-୫ ବର୍ଷ ହେଲା ଲକ୍ଷ୍ୟ କରାଯାଉଛି । ହ୍ରଦ ମଝିରେ ବହୁ ଟାପୁ ଏକଦା କଣ୍ଟକିତ କୋଳି ବୁଦା, ନଳଘାସ, ବେଣାଘାସ ଓ ଅନ୍ୟାନ୍ୟ ପ୍ରଜାତିର ଗଛଲତାରେ ଭରପୁର ଥିଲା । ରାତ୍ରିକାଳୀନ ଆହାର ଖୋଜୁଥିବା ହୁବହଂସ (bar headed goose) ଭଳି ପ୍ରଜାତିର ପକ୍ଷୀମାନଙ୍କ ପାଇଁ ତାହା ଥିଲା ଖାଦ୍ୟର ପରିପୂର୍ଣ୍ଣ ଭଣ୍ଡାର । ତେବେ ଟାପୁଗୁଡ଼ିକର ଜୈବିକ ପରିସଂସ୍ଥାରେ ବଡ଼ ଧରଣର ପରିବର୍ତ୍ତନ ପକ୍ଷୀଙ୍କ ପାଇଁ ପ୍ରତିକୂଳ ହେବାରେ ଲାଗିଛି ।

୫୩ଟି ନଦନଦୀ ଚିଲିକାରେ ମିଶିଥିଲେ । ସେଗୁଡ଼ିକ ମଧ୍ୟରୁ ଅନେକ କାଳକ୍ରମେ ଭୂଗୋଳରୁ ସତ୍ତା ହରାଇ ବସିଲେ । ଲୁଣା ଓ ମଧୁର ଜଳର ସମନ୍ୱୟରେ ଯେଉଁ ସୁସଂହତ ପରିସଂସ୍ଥା ଗଢ଼ି ଉଠିଥିଲା, ତାହା ବାଧାପ୍ରାପ୍ତ ହେଲା । ନାଳ ଓ ନଦୀରେ ପ୍ରବାହିତ ହୋଇ ଆସୁଥିବା ପଟୁମାଟି ଯେଉଁ ଜୀବ ଓ ଉଭିଦଙ୍କ ପାଇଁ ଖାଦ୍ୟ ଥିଲା ସେ ପ୍ରକ୍ରିୟା ହୋଇ ନପାରିବାରୁ ପ୍ରାକୃତିକ ଖାଦ୍ୟର ଅଭାବ ଉଭୟ ଚଢ଼େଇ ଓ ମାଛ କଙ୍କଡ଼ାଙ୍କୁ ଆଜି ନହେଲେ ବି କାଲି ହୁଏତ ଭୋଗିବାକୁ ପଡ଼ିପାରେ । ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଚିଲିକାରେ ରହିବାକୁ ପସନ୍ଦ କରୁଥିବା ଚନ୍ଦନା ହଂସ (Eurasian Wigeon) ଜଳଜ ଉଭିଦ ଓ କଇଁ ଭଳି ନରମ ନାଡ଼ ସହ ଗେଣ୍ଡା ଓ ପୋକ ଖାଇଥାଏ । କାଦୁଅ ପଚ ପଚ ମାଟି ଉପରେ ଚାଲିବାକୁ ଭଲପାଏ । ୨୦୦୫ ମସିହାରେ ଏସବୁ ଭରପୁର ଥିଲା । ସେହିବର୍ଷ ଏହି ପକ୍ଷୀଟିର ସଂଖ୍ୟା ୫୫




ହଜାରରେ ପହଞ୍ଚୁଥିଲା । ଚିତ୍ରା ଖଡ଼ି ହଂସ ବିଭିନ୍ନ ଜଳଜ ଉଦ୍ଭିଦର ମଞ୍ଜି ଖାଇଥାଏ । ଖଡ଼ି ହଂସ ପାଖାପାଖି ଧାନ ବିଲରୁ ପୋକ ଯୋକ ଖୁଣ୍ଟି ଖୁଣ୍ଟି ଖାଏ । ଚିଲିକା ତଟବର୍ତ୍ତୀ ଗାଁ ମାନଙ୍କରେ ଧାନ ଚାଷ ଜମିରେ ବହୁଳ ରାସାୟନିକ ସାର ପ୍ରୟୋଗ, ଧାନ ଚାଷର ସମୟରେ ପରିବର୍ତ୍ତନ ଓ ମଞ୍ଜି ଜାତୀୟ ଜଳଜ ଉଦ୍ଭିଦଙ୍କ ସଂଖ୍ୟା କ୍ଷୟ କାରଣରୁ ଏହି ପକ୍ଷୀଟିର ଭବିଷ୍ୟତ ଖାଦ୍ୟ ସୁରକ୍ଷା କଥା ଚିନ୍ତା କରାଯାଇପାରେ ।

୨୦୦୩ରେ ସର୍ବାଧିକ ସଂଖ୍ୟାରେ ବଡ଼ ହଂସରାଳି (Large whistiling) ଚିଲିକାକୁ ଆସିଥିଲେ । ୧୪,୫୦୦ ସଂଖ୍ୟକ ପକ୍ଷୀଙ୍କୁ ଚିଲିକାରେ ଦେଖାଯାଇଥିଲା । ଜଳଜ ଉଦ୍ଭିଦର ପତ୍ର, କାଣ୍ଡ ଓ ମଞ୍ଜି ସହ ବଣୁଆ ଧାନ ଏମାନଙ୍କର ପ୍ରିୟ ଆହାର । ୨୦୦୩ରେ କାଳୁପଡ଼ା ଘାଟ ତିନିମୁହାଣି ଅଞ୍ଚଳରେ ୫ହଜାର ପକ୍ଷୀଙ୍କୁ ଦେଖାଯାଇଥିଲା ବେଳେ ୨୦୧୨ରେ ଏମାନଙ୍କ ସଂଖ୍ୟା ୧୦୦୦କୁ ଖସିଆସିଛି । ଦୁବହଂସ (Bar headed Goose) ଦୁବଘାସ, ଜଳଜ ଉଦ୍ଭିଦର କାଣ୍ଡ ଆଦି ରାତ୍ରିକାଳରେ ସଂଗ୍ରହ କରି ଖାଇଥାଏ । ଏକଦା ଏହି ଚଢ଼େଇଟିର ପ୍ରିୟ ସ୍ଥାନ ନଳବଣ ଥିଲା । କିନ୍ତୁ ନଳବଣରେ ନଳଘାସ ପରିମାଣ ହ୍ରାସ ପାଇବା କାରଣରୁ ଏହି ପକ୍ଷୀ ସହିତ ଅନ୍ୟ ପ୍ରଜାତିର ପକ୍ଷୀଙ୍କ ସଂଖ୍ୟା ନଳବଣରେ କମ ଦେଖାଯାଉଛି । ଚିଲିକାରେ ୧ଲକ୍ଷରୁ ଉର୍ଦ୍ଧ୍ୱ ସଂଖ୍ୟକ ଗଡ଼ୱାଲ ବା ମାଟିଆ ଗେଣ୍ଡି ହଂସ ଆସିଥାଆନ୍ତି, କିନ୍ତୁ ଶିକାରୀ ମାନଙ୍କର ଏହା ପ୍ରିୟ ମାଂସ ଓ ବଜାରରେ ଚାହିଦା ଥିବାରୁ ସେମାନଙ୍କୁ ଶିକାର କରାଯାଇଥାଏ । ୨୦୦୨ରେ ନଳବଣରେ କେବଳ ୧ଲକ୍ଷ ୬୦ହଜାର ଗେଣ୍ଡି ଗଣନା କରାଯାଇଥିବା ବେଳେ ୨୦୧୨ରେ ସମଗ୍ର ଚିଲିକାରେ ୧,୪୯, ୭୪୬ ଗେଣ୍ଡି ହଁସ ଆସିଥିବା ଜଣାଯାଇଛି । ଚିଲିକାରେ ବସାବାନ୍ଧି ଅଣ୍ଡା ଦେଉଥିବାରୁ ବହୁ ବିଳମ୍ବରେ ଏମାନେ ଚିଲିକା ଛାଡ଼ି ଥାଆନ୍ତି । ତେଣୁ ଶିକାରୀମାନଙ୍କ ଦ୍ୱାରା ଗୋଟିଏ ଗେଣ୍ଡି ହଂସର ଶିକାର ହେଲେ ଭବିଷ୍ୟତର ଅନେକ ଗେଣ୍ଡି ହଂସ ଲୋପ ପାଇଥାଆନ୍ତି । ଚିଲିକାକୁ ଆସୁଥିବା ଦୁଇ ପ୍ରକାର ପକ୍ଷୀ ଯଥା ହଂସ ଜାତୀୟ ଓ ଅନ୍ୟଟି ଛୁଞ୍ଚୁମୁନିଆ ଥଣ୍ଟର ତଟଭୂମି ପକ୍ଷୀ । ଛୁଞ୍ଚୁମୁନିଆ ଥଣ୍ଟର ତଟଭୂମି ପକ୍ଷୀଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବେ ହ୍ରାସ ପାଇଛି ।

ମୋଟ ଉପରେ ଦେଖିବାକୁ ଗଲେ ଆର୍ଦ୍ରଭୂମିରେ ଆୟତନ ହ୍ରାସ ପାଇବା, ନିର୍ମାଣମୁଖୀ କାର୍ଯ୍ୟକ୍ରମଗୁଡ଼ିକ ବ୍ୟାପକ ଭାବରେ ଗଢ଼ିଉଠିବା, ସଡ଼କ ସେତୁ ସୌଧଗୁଡ଼ିକ ସଂଖ୍ୟା ବିସ୍ତାରିତ ହେବା କାରଣରୁ ଏହି ପ୍ରଜାତିର ପକ୍ଷୀ ଗୁଡ଼ିକ ପାଇଁ ବିପଦ ଘନେଇ ଆସିଛି । ଏସିଆର ସର୍ବବୃହତ୍ତ ମଧୁରାମ୍ଳ ଜଳର ଆର୍ଦ୍ର ଭୂମି ଚିଲିକାରେ ଏବେ କେତେ ପ୍ରଜାତିର ମଧୁର ଜଳ ଉଦ୍ଭିଦ, କେତେ ପ୍ରଜାତିର ଲୁଣା ଜଳ ଉଦ୍ଭିଦ, କେତେ ପ୍ରଜାତିର କୀଟ ପତଙ୍ଗ ଓ କେତେ ପ୍ରଜାତିର ଗୁଳ୍ମ ଶୈବାଳ ଆଦି ରହିଛି ସେଗୁଡ଼ିକର ପୂର୍ଣ୍ଣାଙ୍ଗ ଗବେଷଣା ଓ ସଂରକ୍ଷଣ ପ୍ରୟାସ କରାଯାଇନାହିଁ । ଚିଲିକା ହ୍ରଦର ବିଭିନ୍ନ ସ୍ଥାନରେ ଥିବା ଦ୍ୱୀପ ଗୁଡ଼ିକର ଆବଶ୍ୟକ ସୁରକ୍ଷା ଯୋଜନା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ । ଯାନ୍ତ୍ରିକ ଡ଼ଙ୍ଗା, କୃତ୍ରିମ ଚିଙ୍ଗୁଡ଼ି ଚାଷ ଓ ଚାଷ ପାଇଁ ବ୍ୟାପକ ରାସାୟନିକ ସାର ପ୍ରୟୋଗ ଚିଲିକାର ପରିସଂସ୍ଥା ଉପରେ କୁପ୍ରଭାବ ବିସ୍ତାର କରିଚାଲିଛି । ଏକଦା ଚିଲିକାର ତଟ ଅଞ୍ଚଳରେ ଦେଖାଯାଉଥିବା ପ୍ରାଣୀ, ଉଦ୍ଭିଦ ଓ ପରିସଂସ୍ଥା ଏବେ ଆଉ ସେ ସ୍ଥିତିରେ ନାହିଁ । ୫୩ ନଦନଦୀର ଜଳ ଓ ପ୍ରବାହିତ ପଟୁମାଟି ଚିଲିକାରେ ଅବାଧରେ ପ୍ରବେଶ କରୁଛି କି ନାହିଁ ତାହା ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଜାଣି ମଧ୍ୟ ନୀରବତା ଅବଲମ୍ବନ କରିଛି ।

ଚଢ଼େଇ କେବଳ ଚିତ୍ତ ବିନୋଦନ କରୁନାହାନ୍ତି ଅପରନ୍ତୁ ସେମାନେ ପରିବେଶ ପରିସଂସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ବିଭବକୁ ସମ୍ବର୍ଦ୍ଧିତ କରି ଆସୁଛନ୍ତି । ଜଳରାଶି ଉପରେ ବଢ଼ୁଥିବା ଉଦ୍ଭିଦ ଓ କୀଟ ପତଙ୍ଗଙ୍କୁ ଖାଇ ସଫା କରୁଛନ୍ତି । ସେମାନଙ୍କର ନିର୍ଗତ ମଳ ଅନ୍ୟ କୀଟମାନଙ୍କ ଆହାର ହେଉଛି । ଚଢ଼େଇଙ୍କ ଯୋଗୁଁ ଚିଲିକାକୁ ମିଳିଛି ରାମସର ସାଇଟ୍‌ରେ ସଂରକ୍ଷଣ କରାଯିବାର ମାନ୍ୟତା ଓ ମିଳିପାରିଛି ଇନ୍ଦିରାଗାନ୍ଧୀ ପର୍ଯ୍ୟାବରଣ ପୁରସ୍କାର । କବିବର ରାଧାନାଥଙ୍କ ଉତ୍କଳର ଏହି ଲକ୍ଷ୍ମୀ ଓ ତାଙ୍କର ଶୋଭା ସୌନ୍ଦର୍ଯ୍ୟ ବିମଣ୍ଡିତ କରି ଆସିଥିବା ବିହଙ୍ଗଙ୍କୁ ସୁରକ୍ଷା କରାଗଲେ ଐତିହ୍ୟ, ଜୀବିକା, ପରିବେଶୀୟ ଉନ୍ନତି ଓ ଚିତ୍ତବିନୋଦନର ଏହି ମୁଖ୍ୟ ସମ୍ବଳ ଆଗାମୀ ଅନେକ ପିଢ଼ୀଙ୍କୁ ସହାୟତା ଯୋଗାଇଦେବ ନିଶ୍ଚୟ ।

✧

**ଦିଲ୍ଲୀପ ସୁବୁଦ୍ଧି**

# ଭାଲୁକାଶୁଣୀରେ ବଢ଼ିଲେ ଭାଲୁ

ସମୂହ

ଭାଲୁକାଶୁଣୀ, ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ସଜନାଗଡ଼ ଗ୍ରାମର ଏକ ଛୋଟ ପଡ଼ା ଗ୍ରାମଟିଏ। ଗ୍ରାମଟି ବାଲେଶ୍ୱର ଜିଲ୍ଲା ସଦର ମହକୁମା ଠାରୁ ୪୦ କିଲୋମିଟର ଦୂର। ସଜନାଗଡ଼ରେ ୫୧୧ଟି ଘର ଅଛି ଏବଂ ଲୋକସଂଖ୍ୟା ୨୨୨୩ ରୁ ଊର୍ଦ୍ଧ୍ୱ। ତେବେ ଏହାର ପଡ଼ା ଗ୍ରାମ ଭାଲୁକାଶୁଣୀରେ ୯୫ଟି ପରିବାର ବାସ କରନ୍ତି। ଲୋକସଂଖ୍ୟା ୪୭୦ରୁ ଅଧିକ ହେବ। ମୁଖ୍ୟତଃ କୋହ୍ଲ ସମ୍ପ୍ରଦାୟର ଆଦିବାସୀ ଏବଂ ଦଳିତ ସମ୍ପ୍ରଦାୟର ଲୋକମାନେ ଏହି ଗ୍ରାମରେ ବସବାସ କରିଆସୁଛନ୍ତି। ପ୍ରାୟ ସମସ୍ତ ଗ୍ରାମବାସୀଙ୍କର ଜୀବନଜୀବିକାର ମୂଳ ଉତ୍ସ ହେଲା ଚାଷ। ଏହାପରେ ଆସେ ଜଙ୍ଗଲଭିତ୍ତିକ ଜୀବନଜୀବିକା। ଗ୍ରାମର ପଛପଟକୁ ଲାଗି ରହିଛି କୁଳଡିହା ହସ୍ତୀ ଅଭୟାରଣ୍ୟର ସୀମା। ବାଲେଶ୍ୱରରୁ ଉଦଳା ଯିବା ରାସ୍ତାରେ ଗଲେ ଯେଉଁ ତିନିକୋଶିଆ ରିଜର୍ଭ ଘଞ୍ଚ ଶାଳ ଜଙ୍ଗଲ ପଡ଼େ ତାହାକୁ ଏହି ଗ୍ରାମବାସୀମାନେ ୧୯୮୫ ଠାରୁ ସୁରକ୍ଷା ଦେଇଆସିଛନ୍ତି। ପ୍ରାୟ ୨୫ ବର୍ଷ ତଳେ ରାସ୍ତାର ଭାଲୁକାଶୁଣୀ ପଟରୁ ଚାହିଁଲେ ଆରପଟେ ନରଣପୁର ଗ୍ରାମ ଦେଖାଯାଉଥିଲା। ଏବେ ସେଠି ଘଞ୍ଚ ଶାଳ ଜଙ୍ଗଲ ଛିଡ଼ା ହୋଇଛି। ଗତ ଦୁଇ ବର୍ଷ ହେଲା ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟରୁ ଶହେରୁ ଊର୍ଦ୍ଧ୍ୱ ହାତୀ ଆସି ମାସେ କାଳ ସେହି ଜଙ୍ଗଲରେ ରହୁଛନ୍ତି। ଗୋଟିଏ ସମୟରେ ଜଙ୍ଗଲ ନଷ୍ଟ ହେବା କାରଣରୁ ସେହି ଜଙ୍ଗଲର ସବୁ ବନ୍ୟପ୍ରାଣୀ କୁଆଡ଼େ ଚାଲିଯାଇଥିଲେ। ଏବେ କିନ୍ତୁ ଜଙ୍ଗଲରେ ଚାଲିଯାଇଥିବା ସବୁ ବନ୍ୟପ୍ରାଣୀ ତ ଫେରି ଆସିଛନ୍ତି, ଏହା ସହିତ ଫେରି ଆସିଛନ୍ତି ଭାଲୁ ଯାହାଲାଗି ଗାଆଁର ନାମକରଣ ଭାଲୁକାଶୁଣୀ ହୋଇଛି। ଆସନ୍ତୁ ଜାଣିବା ଭାଲୁକାଶୁଣୀ ଗ୍ରାମ ବାବଦରେ।



**ଉଜୁଡ଼ା ଜଙ୍ଗଲ ଫେରି ଆସିଲା**

ଏକଦା ୧୯୭୫-୮୦ ମସିହା ପର୍ଯ୍ୟନ୍ତ ଭାଲୁକାଶୁଣୀ ଗ୍ରାମର ଚତୁଃପାର୍ଶ୍ୱରେ ଘଞ୍ଚ ଜଙ୍ଗଲ ରହିଥିଲା। ଜଙ୍ଗଲରେ ଶାଳ, ପିଆଶାଳ, ଅସନ, ମହୁଲ, କଇମ, ହରିଡ଼ା, ବାହାଡ଼ା ଆଦି ବୃକ୍ଷଲତା ଭରପୁର ଥିବା ସହିତ ବହୁତ ଭାଲୁ, ହେଟାବାଘ ତଥା ବିଭିନ୍ନ ପ୍ରକାରର ପକ୍ଷୀ ବାସ କରୁଥିଲେ। ଗ୍ରାମବାସୀଙ୍କ ଲାଗି ଜଙ୍ଗଲରୁ ଜାଳେଣୀ କାଠ, ଫଳମୂଳ ଆଦି ସଂଗ୍ରହ କରିବାରେ କୌଣସି ସମସ୍ୟା ହେଉନଥିଲା। ତେବେ ୧୯୮୦ ମସିହା ପରଠାରୁ କାଠ ମାଫିଆ ଓ ଆଖପାଖ ଗ୍ରାମବାସୀଙ୍କ ଉପଦ୍ରବ କାରଣରୁ ତିନିକୋଶିଆ ଜଙ୍ଗଲ ଉଜୁଡ଼ି ଯିବାରେ ଲାଗିଲା। ଜଙ୍ଗଲରୁ ଯିଏ ଯାହା ପାଇଲା ହାଣି ନେଇଗଲା। ବିଶେଷ କରି କାଠ ମାଫିଆଙ୍କ ଦୌରାତ୍ମ୍ୟ ଖୁବ ଅଧିକ ଥିଲା। ବର୍ଷେ ମଧ୍ୟରେ ଜଙ୍ଗଲ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ିଗଲା। ଏହାପରେ ଆରମ୍ଭ ହେଲା ଅସଲ ସମସ୍ୟା। ଲୋକେ ରୋଷେଇ କରିବା ଲାଗି ଜାଳେଣୀ ଖଣ୍ଡେ ପାଇଲେ ନାହିଁ। ତେଣୁ ବଡ଼ ଗଛ ପରେ ଛୋଟଛୋଟ ଗଛ ଉପରେ ମଧ୍ୟ ଲକ୍ଷ୍ୟ ପଡ଼ିଥିଲା। ଜଙ୍ଗଲରେ ଥିବା ଛୋଟଛୋଟ ଶାଳ ଗଜା ସବୁ ବି ଏହା ଭିତରେ ଲୋପ ପାଇଯାଇଥିଲା। ଏହା ଭିତରେ ନରଣପୁର ଓ ଭାଲୁକାଶୁଣୀ ଗ୍ରାମ ଭିତରେ ଯେଉଁ ଜଙ୍ଗଲ ବାଡ଼ ଭଳି ଛିଡ଼ା ହୋଇଥିଲା, ତାହା ସମ୍ପୂର୍ଣ୍ଣ ଭାବେ ଉଭେଇ ଗଲା। ରାସ୍ତାର ଏପଟରୁ ଚାହିଁଲେ ସେପଟେ ନରଣପୁର ଦେଖାଯାଉଥିଲା। ଗ୍ରାମବାସୀଙ୍କୁ ଏହା ଖୁବ ବାଧୁଥିଲା।

ଏହା ଥିଲା ୧୯୮୫ ମସିହା। ଗ୍ରାମର ବୟସ୍କ ବ୍ୟକ୍ତି ଯଥା ଗିରୀଶ ଚନ୍ଦ୍ର ସିଂହ, ଘାସିରାମ ସିଂହ, ରାମ ସିଂହ, ଦୁର୍ଗାଚରଣ ସିଂହ, ରଘୁନାଥ ସିଂହ ଆଦି ଜଙ୍ଗଲକୁ ପୁଣିଥରେ ଫେରାଇ ଆଣିବାକୁ ଚିନ୍ତା କଲେ। ସେମାନେ ଏଥିଲାଗି ଗ୍ରାମବାସୀଙ୍କୁ ବୁଝାଇଲେ। ଗ୍ରାମବାସୀଙ୍କର ମଧ୍ୟ ନାଁ' ବୋଲି କହିବାର କୌଣସି କାରଣ ନଥିଲା। ସେମାନେ ଜଙ୍ଗଲ ସୁରକ୍ଷା ଲାଗି ବିନା କୌଣସି ସର୍ତ୍ତରେ ରାଜି ହୋଇଗଲେ। ଗ୍ରାମରେ ଗଠନ ହେଲା 'ଭାଲୁକାଶୁଣୀ ଜଙ୍ଗଲ ସୁରକ୍ଷା କମିଟି'। କମିଟିର ପ୍ରଥମ ସଭାପତି ହେଲେ ଘାସିରାମ ସିଂହ। ଘାସିରାମ ସିଂହଙ୍କ ନେତୃତ୍ୱ ଓ ଗ୍ରାମବାସୀଙ୍କ ସହଯୋଗରେ ୩୦୦ ହେକ୍ଟର ବିଶିଷ୍ଟ ଜଙ୍ଗଲ ଅଞ୍ଚଳର ସୁରକ୍ଷା ଚାଲୁ ରହିଥିଲା। ଗ୍ରାମବାସୀମାନେ ଠେଙ୍ଗାପାଳି କରି ଜଙ୍ଗଲକୁ ସୁରକ୍ଷା କରିବାକୁ ଲାଗିଲେ। ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଠେଙ୍ଗାପାଳିଆ ଜଙ୍ଗଲକୁ ପ୍ରହରା ଦେଉଥିଲେ। ରାତିରେ ଯଦି ଜଙ୍ଗଲ ଭିତରୁ କିଛି ଶବ୍ଦ ଶୁଭେ, ତେବେ ଯୁବକମାନେ ତୁରନ୍ତ ଡକାଡକି ହୋଇ ନିଆଁ ହୁଳା ଓ ଠେଙ୍ଗା ଧରି ଜଙ୍ଗଲକୁ ଯାଉଥିଲେ। ଏହିଭଳି ସୁରକ୍ଷା ତଥା ଭଲ ପାଇବା କାରଣରୁ ମାତ୍ର ୧୦ ବର୍ଷ ମଧ୍ୟରେ ଜଙ୍ଗଲର ଅବସ୍ଥାରେ ଆଶ୍ଚର୍ଯ୍ୟଜନକ ପରିବର୍ତ୍ତନ ଆସିପାରିଥିଲା। ଇତି ମଧ୍ୟରେ ନରଣପୁର ଗାଁ' ଆଉ ଦେଖାଯାଉନଥିଲା। ଜଙ୍ଗଲରେ ମଝିରେ ମଝିରେ ଭାଲୁ, ବିଲୁଆ, ହରିଣ, ସମ୍ବର ତଥା ହେଟାବାଘ ଆଦି ଦେଖାଯାଉଥିଲେ। ଅନେକ ପକ୍ଷୀ ବି ଚାଲି ଆସିଥିଲେ। ତେବେ କେବେ କେମିତି କେହି ଶିକାର ମଧ୍ୟ କରିଦେଉଥିଲେ। ୧୯୯୫ ମସିହାରୁ ଶିକାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯାଇଥିଲା। ତେଣୁ କ୍ରମାଗତ ଭାବେ ଜଙ୍ଗଲ ବଢ଼ିବା ସହିତ ବନ୍ୟପ୍ରାଣୀଙ୍କର ଆଗମନ ମଧ୍ୟ ବଢ଼ିବାରେ ଲାଗିଥିଲା। ବିଶେଷ କରି ଭାଲୁଙ୍କ ସଂଖ୍ୟା ଅଧିକ ମାତ୍ରାରେ ବଢ଼ିବାକୁ ଲାଗିଥିଲା। ଗ୍ରାମବାସୀଙ୍କୁ ଏହା ଖୁବ ଭଲ ଲାଗୁଥିଲା।

ସେମାନେ ବିଶ୍ୱାସ କରୁଥିଲେ ଯେ, ସେମାନଙ୍କର ନିଷ୍ପାପର ଉଦ୍ୟମ ସଫଳ ହୋଇଚାଲିଛି।

## ସମସ୍ୟା ଆସିଥିଲା ଓ ଥମିଯାଇଥିଲା

ଜଙ୍ଗଲ ସୁରକ୍ଷା ଚାଲିଥିବା ବେଳେ ଏଥିରେ ବାଧା ଦେଇଥିଲେ ନୂଆସାହି, ବେହେରା ସାହି, କୁସୁମିଆ ଓ ଜାମୁଡିହି ଆଦି ଗ୍ରାମର ଲୋକେ। ସେମାନେ କହୁଥିଲେ ଏ ଜଙ୍ଗଲ ତୁମର କେମିତି ହେଲା, ତୁମେ କ'ଣ ପାଇଁ ଜଙ୍ଗଲ ଜଗିବ ଇତ୍ୟାଦି। ଜଙ୍ଗଲ ଜଗିବାକୁ ନେଇ ଏହିସବୁ ଗ୍ରାମଗୁଡ଼ିକ ସହିତ ଭାଲୁକାଶୁଣୀ ଜଙ୍ଗଲ ସୁରକ୍ଷା କମିଟି ତଥା ଗ୍ରାମବାସୀଙ୍କର ପାଟିତୁଣ୍ଡ, ବାଡ଼ିଆପିଟା ତଥା ଜିନିଷ ପତ୍ର ଛଡ଼ିଆ ଛଡ଼ି ଆଦିକୁ ନେଇ କଥା ଥାନା କଚେରୀ ପର୍ଯ୍ୟନ୍ତ ଯାଇଥିଲା। ତେବେ ବନ ବିଭାଗ ଓ ପୋଲିସର ସହଯୋଗ କାରଣରୁ ଏହାର ଫଇସଲା ହୋଇଯାଇଥିଲା। ସେବେଠାରୁ ଜଙ୍ଗଲ ସୁରକ୍ଷା ଠିକ ଭାବେ ଚାଲିଛି ଏବଂ କୌଣସିଥିରେ ବି ସମସ୍ୟା ହୋଇନାହିଁ।

## ପରିଚାଳନା

ଭାଲୁକାଶୁଣି ଗ୍ରାମର ଜଙ୍ଗଲ ସୁରକ୍ଷା କମିଟିକୁ ତା୨୬.୩.୨୦୦୩ ମସିହାରେ ଭାଙ୍ଗି ଦିଆଯାଇ ବନ ସଂରକ୍ଷଣ ସମିତି ଗଠନ କରାଯାଇଥିଲା। ତେବେ ଜଙ୍ଗଲ ବିଭାଗ ବନ ସଂରକ୍ଷଣ ସମିତି ସହିତ କୌଣସି କ୍ଷେତ୍ରରେ ଆଲୋଚନା ନକରିବା, ବୈଠକ ନକରିବା ଆଦି କାରଣ ତଥା ଗ୍ରାମବାସୀଙ୍କ ଦାବୀ ଗ୍ରହଣ କରାନଯିବା କାରଣରୁ ଗଠନ କରାଯାଇଥିବା ଭି.ଏସ୍.ଏସ୍. ଏକ ପ୍ରକାର ଅଚଳ ହୋଇପଡ଼ିଛି। ଗ୍ରାମରେ ଗ୍ରାମବାସୀଙ୍କ ପାଇଁ ଜଙ୍ଗଲ ସୁରକ୍ଷା କମିଟି ଯାହା ବନ ସଂରକ୍ଷଣ ସମିତି ତାହା। ତେବେ ଜଙ୍ଗଲ ସୁରକ୍ଷା କମିଟି ଅନେକ ମାତ୍ରାରେ ଅଧିକ ଗୁରୁତ୍ୱ ବହନ କରିଥାଏ। ଏହାର କାରଣ ହେଲା ଏହା ଗ୍ରାମର ଏକ ପୁରୁଣା ଅନୁଷ୍ଠାନ ଏବଂ ଗ୍ରାମବାସୀଙ୍କର କମିଟି ଲାଗି ଭଲ ପାଇବା ରହିଛି। ଜଙ୍ଗଲ ସୁରକ୍ଷା କମିଟି ଲାଗି ସମଗ୍ର ଗ୍ରାମବାସୀ ଉତ୍ସର୍ଗୀକୃତ ଅଛନ୍ତି। ବନ ସଂରକ୍ଷଣ ସମିତି ସହିତ ଗ୍ରାମର ୧୩ ଜଣ ସଭ୍ୟଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠିତ ହୋଇଛି। ଏଥିରେ ୫ ଜଣ ମହିଳା ରହିଥିବା ବେଳେ ୮ ଜଣ ପୁରୁଷ ରହିଛନ୍ତି। ତେବେ ବନ ସଂରକ୍ଷଣ କମିଟି ଅଧୀନରେ ଥିବା ଏହି କାର୍ଯ୍ୟକାରୀ କମିଟିକୁ ବନ ବିଭାଗ ଆଦୌ ଧ୍ୟାନ ଦେଉନାହିଁ କିନ୍ତୁ ଗ୍ରାମବାସୀଙ୍କ ଦ୍ୱାରା ଏହା ଚାଲୁ ରହିଅଛି। ସେମାନେ ବନ ସଂରକ୍ଷଣ ସମିତି ଲାଗି ଏବଂ ନିଜର କମିଟି ଲାଗି ଦୁଇ ପ୍ରକାରର ନଥିପତ୍ର ରଖୁଛନ୍ତି ଏବଂ ପରିଚାଳନା କରୁଛନ୍ତି।

## ନୀତିନିୟମ

ଭାଲୁକାଶୁଣି ଜଙ୍ଗଲ ସୁରକ୍ଷା କମିଟି ନିଜ ଜଙ୍ଗଲର ସୁରକ୍ଷା ଲାଗି ନିଜସ୍ୱ ନୀତିନିୟମ ତିଆରି କରିଛି ଏବଂ ତାହାକୁ କଡ଼ାକଡ଼ି ଭାବେ ଲାଗୁ କରିଅଛି। ନିୟମଗୁଡ଼ିକ ନିମ୍ନ ପ୍ରକାରର ଅଟେ:

୧. ଜଙ୍ଗଲକୁ ଗୋଟିଏ ପରିବାର ସପ୍ତାହରେ ଗୋଟିଏ ଥର ଶୁଖିଲା ଜାଳେଣୀ, କଞ୍ଚା ଶାଳପତ୍ର, ଶୁଖିଲା ପତ୍ର ସଂଗ୍ରହ ଲାଗି ଯାଇପାରିବ।

୨. ଗୋଟିଏ ଥରରୁ ଅଧିକ ଥର ଆଣିଲେ ଦଣ୍ଡିତ ହେବାକୁ ପଡ଼ିବ ଓ ଆସନ୍ତା ଦୁଇ ସପ୍ତାହ ଲାଗି ଜଙ୍ଗଲକୁ ଯାଇପାରିବ ନାହିଁ।

୩. ଜଙ୍ଗଲରୁ କେହି କଞ୍ଚା ଗଛ କାଟିପାରିବ ନାହିଁ।

୪. ଶାଳପତ୍ର ତଥା ଅନ୍ୟାନ୍ୟ ଅଣକାଷ୍ଠ ବନଜାତ ଦ୍ରବ୍ୟର ଅମଳ ବେଳେ ସାବଧାନତା ଅବଲମ୍ବନ କରିବ।

୫. ଜଙ୍ଗଲକୁ କମିଟିର ବିନା ଅନୁମୋଦନରେ କାହାକୁ ପ୍ରବେଶର ଅନୁମତି ନାହିଁ।

୬. କେହି ଜଙ୍ଗଲର କ୍ଷତି ସାଧନ କଲେ ଜୋରିମନା ସୁନିଶ୍ଚିତ। ଜୋରିମନା ବାବଦରେ କମିଟି ନିଷ୍ପତ୍ତି ନେଇଥାଏ।

୬. କାଠର ଆବଶ୍ୟକତା ହେଲେ କମିଟିକୁ ଲିଖିତ ଭାବେ ଜଣାଯିବ ଓ କେତେ କାଠ ଦିଆଯିବ ତାହା କମିଟି ନିଷ୍ପତ୍ତି ନେବ।



## ଶେଷ କଥା

ଜଙ୍ଗଲ ସୁରକ୍ଷା କରିବା ମଧରେ ଇତି ମଧରେ ୨୬ ବର୍ଷ ହୋଇଗଲାଣି। ୧୯୯୫ରେ ଜଙ୍ଗଲ ସୁରକ୍ଷାର ଡାକରା ଦେଇଥିବା ଘାସିରାମ ସିଂହଙ୍କୁ ଇତିମଧରେ ୯୩ ବର୍ଷ ହେଲାଣି। ତଥାପି ସେ ସମୟ ପାଇଲେ ଜଙ୍ଗଲକୁ ଯିବା ଛାଡ଼ିନାହାନ୍ତି। ଏବେ ଜଙ୍ଗଲ ପ୍ରତି ଆଉ କୌଣସି ବିପଦ ନାହିଁ। ଗ୍ରାମବାସୀଙ୍କ ଜଙ୍ଗଲ ପ୍ରତି ନିରବଚ୍ଛିନ୍ନ ଭଲପାଇବା କାରଣରୁ ଜଙ୍ଗଲର ପରିସୀମା ବୃଦ୍ଧି ପାଇବାରେ ଲାଗିଛି। ନିର୍ବାକ ମନେ ହେଉଥିବା ଜଙ୍ଗଲଯେ ମାନବୀୟ ଆଦର ଯତ୍ନ ଓ ସୁରକ୍ଷାର କିଭଳି ପ୍ରତିଦାନ ଦେଇପାରେ ଭାଲୁକାଶୁଣୀ ଗ୍ରାମ ଏହାର ଉଦାହରଣ।

✧

**ସବ୍ୟସାଚୀ ରଥ**

# ମର୍ଦ୍ଦରାଜପ୍ରସାଦ - ଯେଉଁଠି ଜଙ୍ଗଲ ଲାଗି ଗାଁ ଗୋଟାଏ

ମର୍ଦ୍ଦରାଜପ୍ରସାଦ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅଧୀନସ୍ଥ ରାଣୀଛେଳି ପଞ୍ଚାୟତର ଛୋଟିଆ ଗାଁ'ଟିଏ । ଗାଁ'ଟିର ଏକତାକୁ ଦେଖିଲେ ଯେକେହି ପ୍ରଶଂସା ନକରି ରହିପାରିବ ନାହିଁ। ଦେଖିଲେ ଲାଗେ ଜଙ୍ଗଲ ଲାଗି ଗାଁ'ଟା ଗୋଟାଏ। ଟିକିଏ ବି ଫାଟ ନାହିଁ। ପିଲାଠାରୁ ବୁଢାଯାଏ ଟିକିଏ କଥାରେ ଜଙ୍ଗଲର ନାଁ ଧରନ୍ତି । ଜଙ୍ଗଲରେ ଖୁଡ୍‌କରି ଶବ୍ଦ ହେଲେ ଠେଙ୍ଗାବାଡ଼ି ଧରି ଜଙ୍ଗଲକୁ ଧାଆନ୍ତି । ଜଙ୍ଗଲକୁ ସେମାନେ ପିଲାଭଳି ପାଳିଛନ୍ତି । ସବୁବେଳେ ତାର ଯତ୍ନ ନେଇ ଆସିଛନ୍ତି । ଗାଁ ଲାଗି ଜଙ୍ଗଲ ହେଉଛି ଜୀବନ। ଗାଁ'ର ସବୁଜ ଜଙ୍ଗଲକୁ ଦେଖିଲେ ପେଟ ପୁରିଯିବ ଆଉ ଗ୍ରାମବାସୀଙ୍କ ଜଙ୍ଗଲ ସୁରକ୍ଷାକୁ ଦେଖିଲେ ନିଜେ ବି ସେଥିରେ ସାମିଲ ହେବାକୁ ଇଛା ହେବ। ମର୍ଦ୍ଦରାଜପ୍ରସାଦ ଗାଁ'ରେ ୧୪୬ ଘର ଓ ୭୫୯ରୁ ଉର୍ଦ୍ଧ୍ୱ ଲୋକ ବସବାସ କରିଆସୁଛନ୍ତି। ଅଧିକାଂଶ ଗ୍ରାମବାସୀ ହେଉଛନ୍ତି କୃଷି-ଶ୍ରମଜୀବୀ। ଚାଷ ଉପରେ ନିର୍ଭର କରି ଚଳନ୍ତି। ବର୍ଷକରେ ଚାଷରୁ ଯାହା ମିଳେ ସେତିକି ହିଁ ତାଙ୍କ ପାଇଁ ଯଥେଷ୍ଟ। ବାକି କିଛି ଲୋକ ବାହାରେ କାମକରି ନିଜ ପରିବାରର ଗୁଜୁରାଣ ମେଣ୍ଟାନ୍ତି।

**ଜଙ୍ଗଲ ସୁରକ୍ଷାର ପୃଷ୍ଠଭୂମି**

ଗ୍ରାମବାସୀଙ୍କ ମତରେ ସେମାନେ ପ୍ରାୟ ୩୫ ବର୍ଷ ଧରି ଅର୍ଥାତ ୧୯୭୫ ମସିହାରୁ ଜଙ୍ଗଲ ସୁରକ୍ଷା କରି ଆସୁଛନ୍ତି। 'ଅଭାବ ହିଁ ଆବଶ୍ୟକତାର ବାଟ ଦେଖାଏ'; ଠିକ୍ ଏହା ହିଁ ଘଟିଥିଲା ମର୍ଦ୍ଦରାଜପ୍ରସାଦ ଗାଁ'ରେ। ଦିନେ ଗାଁ'କୁ ଲାଗି ରହିଥିବା ଘଞ୍ଚ ଶାଳ ଗଛରେ ପରିପୂର୍ଣ୍ଣ ଋଷ୍ୟଶୃଙ୍ଗ ଜଙ୍ଗଲ ପଡ଼ୋଶୀ ମଙ୍ଗଳପୁର, କଳଟାଙ୍ଗି, ରାଣୀଛେଳି ଗ୍ରାମବାସୀ ତଥା କିଛି କାଠ ମାଫିଆଙ୍କ ପ୍ରାଦୁର୍ଭାବ କାରଣରୁ ଲୋପ ପାଇଗଲା। ଲୋକ ରାତିରେ ବି ଗଛ କାଟିବା ଆରମ୍ଭ କରି ଦେଇଥିଲେ। ଗଛ କାଟି ନେଲା ପରେ ଯେଉଁ ମୂଳ ରହିଯାଉଥିଲା ତାହା ବି ବାକି ରହିଲା ନାହିଁ। ତାକୁ ବି ଲୋକେ ତାଡ଼ି ନେଇଯିବାରେ ଲାଗିଲେ। ଜଙ୍ଗଲର ଅନେକ ଯାଗା ପୁରା ଟାଙ୍ଗରା ହୋଇଗଲା। ଦିନେ ଗ୍ରାମର ସମସ୍ତ ଆବଶ୍ୟକତାକୁ ପୂରଣ କରୁଥିବା ଋଷ୍ୟଶୃଙ୍ଗ ଜଙ୍ଗଲ ଲୋପ ପାଇଯିବା କାରଣରୁ ମର୍ଦ୍ଦରାଜପ୍ରସାଦ ଗାଁ'ର ଲୋକମାନେ ବହୁତ ସମସ୍ୟାର ସମ୍ମୁଖୀନ ହେଲେ। ସେମାନଙ୍କ ମତରେ, 'ଜାଳେଣୀ ସଂଗ୍ରହ, ଘର ମରାମତି କଥା ଭୁଲିଯାଆନ୍ତୁ ଆମକୁ ଦାନ୍ତ ଘଷିବା ଲାଗି ଦାନ୍ତକାଠିଟିଏ ମଧ୍ୟ ମିଳିବା କଷ୍ଟକର ହୋଇପଡ଼ିଲା। ନଡ଼ା ଜାଳି ରୋଷେଇ କରୁଥିଲୁ। ସବୁଆଡ଼େ ଶୁଖିଲା ହିଁ ଶୁଖିଲା। ଖରାଦିନ ହେଲେ ଝାଞ୍ଜି ପବନ ପିଟିବା ଆରମ୍ଭ କରିଦେଉଥିଲା। ଆଗରୁ ଜଙ୍ଗଲ ଥିବାରୁ ଆମେ ଶୀତଳ ପବନ ଟିକେ ପାଉଥିଲୁ। ଋଷ୍ୟଶୃଙ୍ଗ ଜଙ୍ଗଲ ଗୋଟେ ପାହାଡ଼କୁ ଘେରି ରହିଛି। ସେଠି ମାଆ ପାଟଚଣ୍ଡୀ ଅଛନ୍ତି। ବାରମାସରେ ସେଠି ଆମର ତେର ଜାତରା ହୁଏ। ଭୋଜିଭାତ କେତେକ'ଣ।' ଜଙ୍ଗଲ ଉଜୁଡ଼ିଯିବା ସହିତ ସବୁ ଉଜୁଡ଼ିଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଯାଇଥିଲା। ପରିସ୍ଥିତିକୁ ଆଉ ଆଗକୁ ଯିବାକୁ ନଦେବା ଲାଗି ମର୍ଦ୍ଦରାଜପ୍ରସାଦ ଗାଁ'ର ବୟସ୍କ ଲୋକମାନେ ବିଚାର କରିବା ଆରମ୍ଭ କରି ଦେଇଥିଲେ। ତାଙ୍କ ଭିତରେ ଥିଲେ ମାନବାବୁ ବୋଲି ଜଣେ ଲୋକ। ସେ ଗ୍ରାମବାସୀଙ୍କୁ ଜଙ୍ଗଲ ସୁରକ୍ଷା କରିବା କଥା କହିଥିଲେ ଏବଂ ସମସ୍ତଙ୍କୁ ଏକାଠି କରାଇଥିଲେ। ଗ୍ରାମରେ ଶୁଭ ଦିନ ଆସିଥିଲା ୧୯୭୫ ମସିହା ଆଶ୍ୱିନ ମାସ ମହାଷ୍ଟମୀ ଦିନ। ଏହିଦିନ ମର୍ଦ୍ଦରାଜପ୍ରସାଦ ଗ୍ରାମବାସୀ ମିଳିତ ଭାବେ ଜଙ୍ଗଲ ସୁରକ୍ଷା କରିବା ଲାଗି ଶପଥ ନେଇଥିଲେ। ଗ୍ରାମରେ ଗଠନ କରାଯାଇଥିଲା 'ମାଆ ପାଟଚଣ୍ଡୀ ଜଙ୍ଗଲ ସୁରକ୍ଷା କମିଟି'। ସେହିଦିନ ସାରା ଜଙ୍ଗଲ ବୁଲିଥିଲେ ଗାଁ' ଲୋକେ; ଆଉ ସେହିଦିନ ହୋଇଥିଲା ସମୂହ ଠେଙ୍ଗାପାଳି। ତା' ପରଦିନଠାରୁ ଆରମ୍ଭ ହୋଇଥିଲା ଘରପିଛା ଜଙ୍ଗଲ ଜଗିଯିବା ପାଳି ଅର୍ଥାତ ଠେଙ୍ଗାପାଳି। ପ୍ରତିଦିନ ସକାଳୁ ଦୁଇଟି ଘରୁ ଦୁଇଜଣ ପୁରୁଷ ଜଙ୍ଗଲ ଜଗିବାକୁ ଯିବେ ଆଉ ସନ୍ଧ୍ୟାବେଳେ ଗ୍ରାମକୁ ଫେରିବେ। ଏହିଭଳି ଭାବେ ଦୀର୍ଘ ୧୦ ବର୍ଷ ଧରି କଠୋର ନୀତିନିୟମ ଆଧାରିତ ଜଙ୍ଗଲ ସୁରକ୍ଷା ଓ ଠେଙ୍ଗାପାଳି ଚାଲୁ ରହିବାରୁ ଜଙ୍ଗଲର ସ୍ଥିତିରେ ଅଭୁତପୂର୍ବ ପରିବର୍ତ୍ତନ ଆସିପାରିଥିଲା। ଖୁସି ହୋଇଥିଲେ ଗ୍ରାମବାସୀ। କିନ୍ତୁ ଜଙ୍ଗଲ ସୁରକ୍ଷା ଛାଡ଼ିନଥିଲେ ବରଂ ଆହୁରି ବଢାଇ ଦେଇଥିଲେ। କାରଣ ଘରେ ଧନ ବଢିଲେ ଯେପରି ବିପଦ ଅଛି, ସେହିପରି ଜଙ୍ଗଲ ବଢିଲେ ବି ବିପଦ ଅଛି। 'ଦିନରେ ସିନା ଆମେ ଜଗିଦେଉଛୁ, କିନ୍ତୁ ରାତିରେ ଯଦି କାଠଚୋର ଆସି କାଠ କାଟି ନେବେ, ତାହେଲେ ପରିଶ୍ରମ ବୃଥା ହେବ ହିଁ ହେବ। 'ତେଣୁ ଦିନରେ ଠେଙ୍ଗାପାଳିଆ ଫେରିଲା ପରେ ରାତିରେ ବି ଜଙ୍ଗଲ ଜଗିବା ପାଇଁ ୧୦ ଜଣ ଗଲେ। ଏହିଭଳି ଠେଙ୍ଗାପାଳି କାର୍ଯ୍ୟ ଚାଲୁ ରହିଲା । ତେବେ ୧୯୯୯ ମସିହାରୁ ଗ୍ରାମବାସୀ ନିଷ୍ପତ୍ତି ନେଲେ ଜଙ୍ଗଲ ଜଗିବା ପାଇଁ ଜଗୁଆଳୀ ରଖାଯିବ। ଜଗୁଆଳୀକୁ ଦରମା ଦିଆଯିବ। ଦରମା ଦେବାଲାଗି ଘରପିଛା ଚାନ୍ଦା ଆଦାୟ କରାଯିବ। ଜଗୁଆଳୀ ଦିନ ଆଉ ରାତି ଜଙ୍ଗଲ ଜଗିବ। ଏହାହିଁ ହେଲା। ତଥାପି ଗ୍ରାମବାସୀ ଜଙ୍ଗଲ ଯିବା ଛାଡ଼ିଲେ ନାହିଁ। ପ୍ରତିଦିନ କେହି ନା କେହି ଜଙ୍ଗଲ ଆଡ଼େ ଟିକେ ବୁଲିଯାଇ ନିଘା ପକାଇ ଆସିବ। ବିଶେଷ କରି ଏହି କ୍ଷେତ୍ରରେ ଆଜି ପର୍ଯ୍ୟନ୍ତ ଗ୍ରାମର ମହିଳାମାନେ ଗୁରୁତ୍ୱପୁର୍ଣ୍ଣ ଭୂମିକା ବହନ କରି ଆସୁଛନ୍ତି। ସେମାନେ ଜଙ୍ଗଲରେ ଶୁଖିଲା ଜାଳ, ପତ୍ର ଆଦି ସଂଗ୍ରହ କରୁଥିବା ବେଳେ କିଛି ଘଟଣା ଘଟିଲେ ତୁରନ୍ତ ଆସି ଗ୍ରାମରେ ଖବର ଦିଅନ୍ତି। ଦିନରାତି ଜଙ୍ଗଲକୁ ପହରା ଦେବା ଦ୍ୱାରା କ୍ରମଶଃ ଆଖପାଖ ଲୋକଙ୍କର ଋଷ୍ୟଶୃଙ୍ଗ ଜଙ୍ଗଲକୁ ଆସିବା କମିଯିବା ସହିତ କେବେ କେମିତି ହେଉଥିବା କାଠଚୋରୀ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା।

## କ'ଣ ଥିଲା ଜଙ୍ଗଲ ସୁରକ୍ଷାର ନୀତିନିୟମ

୧. ପ୍ରତିଦିନ ସକାଳୁ ଦୁଇ ଘରୁ ଦୁଇଜଣ ପୁରୁଷ ଜଙ୍ଗଲ ଜଗିବାକୁ ଯିବେ ଓ ସନ୍ଧ୍ୟାବେଳେ ଫେରିବେ।
୨. ଜଙ୍ଗଲରେ କିଛି ଘଟଣା ଘଟିଲେ ତୁରନ୍ତ ଗ୍ରାମକୁ ଜଣାଇବେ।
୩. ଜଗୁଆଳୀ ବ୍ୟବସ୍ଥା ଲାଗୁ ହେଲା ପରେ ଘରପିଛା ଚାନ୍ଦା ଆଦାୟ କରାଯିବ ଓ ଜଗୁଆଳୀକୁ ଦରମା ଦିଆଯିବ।
୪. ଜଙ୍ଗଲରୁ କେହି କଞ୍ଚାଗଛ କାଟିପାରିବେ ନାହିଁ। କଞ୍ଚା ଗଛ କାଟିବା ସମ୍ପୂର୍ଣ୍ଣ ଭାବେ ମନା।
୫. କେବଳ ଗଛରୁ ଭାଙ୍ଗି ପଡ଼ିଥିବା ଶୁଖିଲା କାଠକୁ ହିଁ ସଂଗ୍ରହ କରାଯାଇପାରିବ।
୬. ଶୁଖିଲା ପତ୍ର, ଜଙ୍ଗଲରୁ ମିଳୁଥିବା ଫୁଲଫଳ ଆଦିକୁ ସଂଗ୍ରହ କରିପାରିବ।
୭. ବିନା ଅନୁମତିରେ ବାହାର ଗ୍ରାମବାସୀ ଜଙ୍ଗଲରେ ପଶିବା ମନା।
୮. କାଠ କାଟିବା ବା ଜଙ୍ଗଲରେ ନିଆଁ ଲଗାଇବା ଧର୍ତ୍ତବ୍ୟ ଅପରାଧ ଭାବେ ଗଣାଯିବ। ଦଣ୍ଡ କ'ଣ ହେବ ତାହା କମିଟି ସ୍ଥିର କରିବ।

ଏହି ଆଇନକୁ ଅକ୍ଷରେ ଅକ୍ଷରେ ପାଳନ କରିଆସିଛନ୍ତି ମର୍ଦ୍ଦରାଜପ୍ରସାଦ ଗ୍ରାମର ଗ୍ରାମବାସୀମାନେ। ଜଙ୍ଗଲ ସୁରକ୍ଷା କରିବା ଏତେ ବର୍ଷ ହେଲାଣି ହେଲେ ନିହାତି ଆବଶ୍ୟକ ନହେଲେ ଜଙ୍ଗଲରୁ ଆଜିଯାଏ ଗଛ କାଟି ନାହାନ୍ତି; ଅନ୍ୟ ବ୍ୟବସ୍ଥା କରି ଚଳାଇ ନେଇଛନ୍ତି। ୧୯୭୫ ମସିହାରୁ ଆଜିଯାଏ ଜଙ୍ଗଲରେ କେବଳ ଥରୁଟିଏ ନିଆଁ ଲାଗିଛି। ଯେଉଁଥର ନିଆଁ ଲାଗିଥିଲା ତାହା ଜଙ୍ଗଲର ବିଶେଷ କିଛି କ୍ଷତି କରିବା ପୂର୍ବରୁ ଲିଭାଇ ଦିଆଯାଇଥିଲା। ଆଉ ନିଆଁ ଲାଗିନାହିଁ। ତେଣୁ ଜଙ୍ଗଲରେ ବେଶି ଛତୁ ଫୁଟୁଛି।

## ପରିଚାଳନା ବ୍ୟବସ୍ଥା

ଜଙ୍ଗଲର ଜଗାରଖା ଲାଗି ଗ୍ରାମର ସବୁ ପ୍ରାଣ ଗୋଟାଏ। ଏଥିଲାଗି କୌଣସି କମିଟି ଦରକାର ନଥିଲା; କିନ୍ତୁ ପରିଚାଳନା ଦୃଷ୍ଟିକୁ ଆଖି ଆଗରେ ରଖି ଏକ ୧୧ ଜଣିଆ କାର୍ଯ୍ୟକାରୀ କମିଟି ଗଠନ କରାଗଲା। ଏହି କମିଟିରେ ୯ ଜଣ ପୁରୁଷ ଓ ୨ ଜଣ ମହିଳା ଅଛନ୍ତି। ସଭାପତି ଅଛନ୍ତି ମୂଳି ମାଝି, ଶତୃଘ୍ନ ବେହେରା ସମ୍ପାଦକ, ଭୋଳା ନାୟକ କୋଷାଧ୍ୟକ୍ଷ ରହଛନ୍ତି। ଏହି କମିଟି ଜଙ୍ଗଲ ସୁରକ୍ଷାକୁ ତଦାରଖ କରିଆସୁଅଛି। ଜଗୁଆଳୀର ଦରମା ଦେବାପାଇଁ ପ୍ରତିଘରୁ ମାସକୁ ୨୨ ଟଙ୍କା ଲେଖା ଚାନ୍ଦା ଆଦାୟ କରାଯାଏ। ତେବେ କାଠଚୋର ବା ଅନ୍ୟ କାହା ଠାରୁ ଫାଇନ୍ ଆଦାୟ କରାଗଲେ ଏହି ଚାନ୍ଦାର ମାତ୍ରା କମିଯାଏ ଏବଂ କମ ଚାନ୍ଦା ଦେବାକୁ ପଡ଼ିଥାଏ। କମିଟିର ପାଣ୍ଠିରେ କୌଣସି ଟଙ୍କା ରଖାନଯିବା ଲାଗି ନିଷ୍ପତ୍ତି ନିଆଯାଇଛି। କାରଣ ସେମାନଙ୍କ ମତରେ 'ଅର୍ଥ ହେଉଛି ଅନର୍ଥର କାରଣ'। ଗାଆଁ କମିଟିରେ ତେଣୁ ଆଦୌ ଟଙ୍କା ରଖାଯାଉନାହିଁ।

ଜଙ୍ଗଲକୁ ସଫାସୁତରା ରଖିବା ଲାଗି ବର୍ଷକୁ ଥରେ ଅନାବନା ତଥା ଝାଟି ଗଛଗୁଡ଼ିକୁ ସଫା କରାଯାଏ। ପୁରା ଗାଁ' ସେଦିନ ଜଙ୍ଗଲରେ ଥାଆନ୍ତି। ସବୁ ପରିବାର ଯେପରି ୧୦ ବିଡ଼ା ଶୁଖିଲା ଜାଳ ପାଆନ୍ତି, ତାହାର ତଦାରଖ କରାଯାଏ। ବାକି ବର୍ଷସାରା ଶାଳପତ୍ର ସଂଗ୍ରହର ଅନୁମତି ଅଛି କାରଣ ଏହା କିଛି ପରିବାରର ଜୀବନଜୀବିକାର ଉତ୍ସ ଅଟେ।



ଜଙ୍ଗଲ ଲାଗି ଗାଁ' ଏକ : ଫଟୋରେ ମର୍ଦ୍ଦରାଜ ପ୍ରସାଦ ଗ୍ରାମବାସୀବୃନ୍ଦ

## ଆସିଥିଲା ବନ ବିଭାଗ

୧୯୯୫ ମସିହା ବେଳକୁ ମର୍ଦ୍ଦରାଜପ୍ରସାଦ ଗ୍ରାମକୁ ବନ ବିଭାଗ ଆସିଥିଲା ଭି.ଏସ୍.ଏସ୍. ଗଠନ କରାଇବା ପାଇଁ। କହିଥିଲା 'ଆପଣମାନଙ୍କର ଜଙ୍ଗଲ ସୁରକ୍ଷା ଦେଖି ଆମେ ଖୁସି। ଆମ ସହିତ ମିଳିମିଶି ଜଙ୍ଗଲ ଜଗ। ତମକୁ କାଠ ଗୋଲା ଅମଳରୁ ଅଧେ ମିଳିବ।' ଏହି କଥାରେ ରାଗିଥିଲେ ଗ୍ରାମବାସୀ। ସେତେବେଳେ ଗ୍ରାମବାସୀ କେତୋଟି ପ୍ରଶ୍ନ ପଚାରିଥିଲେ ଯାହାର ଉତ୍ତର ଦେଇପାରିନଥିଲା ବନ ବିଭାଗ। ଗାଁ'ଲୋକେ ପଚାରିଥିଲେ, ଯେତେବେଳେ ଆମ ଜଙ୍ଗଲକୁ କାଠମାଫିଆ ଲୁଟୁଥିଲେ, ସେତେବେଳେ ତୁମେ କରୁଥିଲ କ'ଣ ? ଜଙ୍ଗଲକୁ ସୁରକ୍ଷା କରିବା, କାଠଚୋରକୁ ଧରିବା ତୁମର ଦାୟିତ୍ୱ ଥିଲା କି ନାହିଁ ? ସେତେବେଳେ ଆମେ ଜଙ୍ଗଲକୁ ରାତିଦିନ ଏକା କରି ଜଗିଛୁ, କାଠଚୋରକୁ ଧରିଛୁ, ପାଞ୍ଚ ଖଣ୍ଡ ଗାଁ' ସହ ଝଗଡ଼ା କରିଛୁ ଖାସ ଜଙ୍ଗଲକୁ ବଞ୍ଚାଇବା ପାଇଁ। ଜଙ୍ଗଲ ଉଜୁଡ଼ି ଯାଇଥିଲା ବେଳେ ଆସିଲନି; ଏବେ ଜଙ୍ଗଲ ବଢିଯିବାରୁ ଭି.ଏସ୍.ଏସ୍. କରିବାକୁ ଆସିଲ। ଆମର ଭି.ଏସ୍.ଏସ୍.ରେ ସାମିଲ ହେବାର ନାହିଁ। ଆମ ଜଙ୍ଗଲରେ କାଠ ଥାଉଥାଉ ଘର ତିଆରି ପାଇଁ ଆମେ ବାହାରୁ କାଠ କିଣିଛୁ ପଛେ ଜଙ୍ଗଲରେ ହାତ ଦେଇନୁ। ଜଙ୍ଗଲକୁ ଆମେ ଜଗିଥିଲୁ, ଜଗିଛୁ ଓ ଜଗିବୁ ମଧ୍ୟ। ତୁମର ଆବଶ୍ୟକତା କିଛି ଲୋଡ଼ାନାହିଁ। ଆମର ଜଙ୍ଗଲରୁ କାଠଗୋଲା ଅମଳ କରିବାର ନାହିଁ କି ତୁମ ସହିତ ଭାଇଭାଗ ବଣ୍ଟା କରିବାର ନାହିଁ। ବନ ବିଭାଗ ସେହିଦିନୁ ଯାଇଛି ଯେ ଏପର୍ଯ୍ୟନ୍ତ ମର୍ଦ୍ଦରାଜପ୍ରସାଦ ଗାଁ'ରେ ପାଦ ରଖିନି। ମର୍ଦ୍ଦରାଜପ୍ରସାଦ ଗାଁ'ର ଜଙ୍ଗଲ ପ୍ରତି ଭଲପାଇବାକୁ ନେଇ ଥିବା ଏକତା, ଭଲପାଇବା ଏବଂ ନିଷ୍ଠା ଆଗରେ ସବୁ କିଛି ହାର ମାନିଛି। ଏକତାର ବଳ ଏଠି କେବଳ ଜଙ୍ଗଲକୁ ନୁହେଁ, ସ୍ୱାଭିମାନକୁ ବି ବଞ୍ଚାଇଛି ଓ ବଢାଇଛି ଆଉ ମର୍ଦ୍ଦରାଜପ୍ରସାଦକୁ ଆଜି ପରିଣତ କରିଛି ଏକ ବିରଳ ଦୃଷ୍ଟାନ୍ତରେ। ✧

**ସବ୍ୟସାଚୀ ରଥ**

# ଜନପଦକୁ ବଞ୍ଚାଇଥିବା ଏକ ହେନ୍ତାଳ ବଣର ସୁରକ୍ଷା କାହାଣୀ

ଗାଁକୁ ନଈ ଗ୍ରାସ କରୁଥିଲା । ଲୋକେ ଯେତିକି କୂଳରୁ ଦୂରକୁ ଉଠି ଆସୁଥିଲେ ନଦୀ ସେତିକି ମାଡ଼ି ମାଡ଼ି ଆସୁଥିଲା । ନଦୀର ସର୍ବଗ୍ରାସୀ ଆଁ ଭିତରୁ କିନ୍ତୁ ଆହା ଶବ୍ଦ ନଥିଲା । ଲୋକ ନିଜ ଭିତରେ ଆଲୋଚନା କଲେ; ଯଦି ନଈ କୂଳରେ ହେନ୍ତାଳ ବଣ ସୃଷ୍ଟି କରାଯାଏ, ତେବେ ହୁଏତ ନଈ କୂଳ ଲଂଘି ପାରିବନି । ଲୋକେ ବନୀକରଣ ପାଇଁ ବନ ବିଭାଗର ନଜରକୁ ଏକଥା ଆଣିଲେ । ବନ ବିଭାଗ କାଳକ୍ଷେପଣ ନୀତି ଆଚରିଲା । ଆଜି ହେବ, କାଲି ହେବ ଆଉ ବର୍ଷକୁ ହେବ କହି ସମୟ ଗଡ଼ାଇବାରୁ ଲୋକେ ନଦୀକୁ ପୁଣି ଫେରି ଚାହିଁଲେ । ନଦୀର ବକ୍ଷ ଯେତିକି ଫୁଲିବା ଦେଖାଯାଉଥିଲା ଲୋକଙ୍କ ଭିତରେ ସେତେ ଆଶଙ୍କା ପ୍ରକାଶ ପାଉଥିଲା ।

ଗାଁଟି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ସାହି ଗ୍ରାମ ପଞ୍ଚାୟତ ସଂଲଗ୍ନ ପ୍ରହରାଜପୁର । ବ୍ଲକ ଠାରୁ ଗାଁର ଦୂରତା ୧୨ କି.ମି. ଦୂର । ବ୍ରାହ୍ମଣ ସାହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ୫କି.ମି. ଦୂରରେ ଥିବା ଏହି ଗାଁ'ରେ ୧୩୬ଟି ପରିବାର ବାସ କରନ୍ତି । ଗାଁରେ ଗୋପାଳ, ବ୍ରାହ୍ମଣ, ପ୍ରଧାନଙ୍କ ସମେତ ଅନୁସୂଚିତ ଜାତି ସଂପ୍ରଦାୟ ବାସ କରିଆସୁଛନ୍ତି । ୧୩୬ ପରିବାର ମଧ୍ୟରୁ ୫ଟି ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ । ଅବଶିଷ୍ଟ ପରିବାର ଦାରିଦ୍ର୍ୟ ସୀମାରେଖା ତଳେ । ଜୀବିକା ପ୍ରତିପୋଷଣ ପାଇଁ ଗ୍ରାମବାସୀମାନେ ଭାଗଚାଷ, କୁଲି ମଜୁରୀ ଓ କୌଳିକ ବୃତ୍ତି କରିଥାନ୍ତି । ଗୋପାଳମାନେ ମଇଁଷି ପାଳନ କରିଥାନ୍ତି ।

ଗାଁ ପାଖରେ ବହି ଯାଉଥିବା ହଂସୁଆ ନଦୀ ଲୋକଙ୍କୁ ହସ ଦେବା ପରିବର୍ତ୍ତେ ଦୁଃଖ ଦେଇଥାଏ ବୋଲି କହନ୍ତି ପ୍ରହରାଜପୁରର ଜଣେ ସଚେତନ ଯୁବକ ରବିନ୍ଦ୍ର ବେହେରା । ଶ୍ରୀ ବେହେରା କହନ୍ତି ହଂସୁଆ ନଦୀ ୧୯୮୭ ମସିହାରୁ କୂଳ ଲଂଘି ଚାଷ ଜମିକୁ ଉଦରସ୍ଥ କରିବା ଆରମ୍ଭ କରିଥିଲା । ନଦୀ ଗର୍ଭରେ ଚାଷ ଜମି ଗଲା । ଘର ପାଖକୁ ନଦୀଜଳ ପ୍ରବେଶ କରିବାରୁ ୨୦-୨୫ ପରିବାର ଉଠିଗଲେ । ସେତେବେଳକୁ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିଲେ । ଆତଙ୍କିତ ଗ୍ରାମବାସୀ ନିଜର ଦୁର୍ଦ୍ଦଶା ପ୍ରଶାସନକୁ ଜଣାଇଲେ । ପ୍ରଶାସନ ପକ୍ଷରୁ ମହାକାଳ ପଡ଼ାଠାରେ ଏକ ଆଡ଼ିବନ୍ଧ ଦିଆଗଲା । ଏପରି କଲେ ହଂସୁଆ ନଦୀର ପ୍ରକୋପ ଗାଁ ଉପରେ ରହିବନି ବୋଲି ଯନ୍ତ୍ରୀମାନେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ମହାକାଳପଡ଼ାର ବନ୍ଧ ବନ୍ଧାଯିବା ପରେ ପ୍ରହରାଜପୁର ନଦୀ ଗର୍ଭର ଅଞ୍ଚଳ ଏକ ବିରାଟ ବାଲିଚଢ଼ାରେ ପରିଣତ ହୋଇଗଲା । ବାଲିଚଢ଼ାରେ ହେନ୍ତାଳ ବଣ ସୃଷ୍ଟି କରାଗଲେ ନଦୀର ଜଳ ଆଉ କୂଳର ମାଟିକୁ ଧୋଇ ନେବନି ବୋଲି ଗ୍ରାମବାସୀମାନେ ବନ ବିଭାଗକୁ ଲିଖିତ ଆକାରରେ ଜଣାଇଥିଲେ । ବନବିଭାଗ ଶୁଣି ନ ଶୁଣିବା ପରି ରହିବା ଯୋଗୁଁ ଗ୍ରାମବାସୀମାନେ ଏ ସମସ୍ୟାର ସମାଧାନ ପାଇଁ ଗାଁରେ ଏକ ସଭା କରିଥିଲେ । ସିଦ୍ଧାନ୍ତ ନିଆଗଲା ଯେ ମାଟିକୁ ଯାବୁଡ଼ି ଧରି ରଖିବାର ସାମର୍ଥ୍ୟ ଥିବା ବିଭିନ୍ନ ଉତ୍କୃଷ୍ଟ ପ୍ରଜାତିର ହେନ୍ତାଳ ବୃକ୍ଷ ରୋପଣ କରିବା । ଗ୍ରାମବାସୀମାନେ ହେନ୍ତାଳ ଚାରା ସଂଗ୍ରହ କଲେ । ଚଢ଼ା ସାରା ହେନ୍ତାଳ ଚାରା ରୋପଣ ଦିଗରେ ସାମୂହିକ ଶ୍ରମଦାନ ମଧ୍ୟ କରାଗଲା । ଚାରା ଗୁଡ଼ିକ ବଢ଼ି ବଢ଼ି ଏକ ନିବୁଜ ଜଙ୍ଗଲ ହୋଇଆସୁଥିଲା ବେଳେ ୧୯୯୯ ମସିହାର ପ୍ରଳୟଙ୍କରୀ ମହାବାତ୍ୟା ସଂଘଠିତ ହେଲା ।

### ମହାବାତ୍ୟାରୁ ଶିକ୍ଷା

ମହାବାତ୍ୟାର ପ୍ରଳୟଙ୍କରୀ ନିର୍ଘାତ ମାଡ଼ରେ ଉପକୂଳ ଜିଲ୍ଲା ଗୁଡ଼ିକରେ ଭୟଙ୍କର ଧନ ଜୀବନ ନଷ୍ଟ ହେଲା । ଲକ୍ଷ ଲକ୍ଷ ଗୋ' ମହିଷାଦି ପ୍ରାଣୀ, ବୃକ୍ଷଲତା ଓ ମନୁଷ୍ୟ ଜୀବନ ଅକାଳରେ ଚାଲିଗଲା । ପ୍ରହରାଜପୁରରେ ଲୋକଙ୍କ ଉଦ୍ୟମରେ ସୃଷ୍ଟି କରାଯାଇଥିବା ହେନ୍ତାଳ ବଣ ନିଃଶେଷ ହେବା ପୂର୍ବ ପର୍ଯ୍ୟନ୍ତ ଗାଁଟିକୁ ରକ୍ଷା କରିଦେଇଥିଲା । ଏତେ ବଡ଼ ମହାବାତ୍ୟା ହେଲା ଆଉ ଗାଁ ଭିତରକୁ ପାଣି ପଶିଲାନାହିଁ ଏବଂ ହେନ୍ତାଳ ଯୋଗୁଁ ନଦୀକୂଳର ମାଟି ମଧ୍ୟ ସୁରକ୍ଷିତ ରହିପାରିଲା । ଗ୍ରାମବାସୀମାନେ ହେନ୍ତାଳର ଉପକାରିତା ପ୍ରତ୍ୟେକ୍ଷ କରିବା ପରେ ନଷ୍ଟ ହୋଇଥିବା ବୃକ୍ଷ ଯାଗାରେ ନୂଆ ଚାରା ରୋପଣ କରିଥିଲେ ।

### ପରିଚାଳନା ପଦ୍ଧତି

ଜମି ଓ ଜନପଦକୁ ସୁରକ୍ଷିତ କରିଥିବା ହେନ୍ତାଳ ବଣର ସୁରକ୍ଷା ଓ ପରିଚାଳନା ପାଇଁ ଗ୍ରାମବାସୀ ବନବିଭାଗ ସହାୟତାରେ ଏକ ୧୬ଜଣିଆ କମିଟି ଗଠନ କରିଥିଲେ । ନିମାଇଁ ଚରଣ ବିଶ୍ୱାଳ, ନିତ୍ୟାନନ୍ଦ ବେହେରା, ଗଣେଶ୍ୱର ସାମଲ, ନବକିଶୋର ବିଶ୍ୱାଳ, ଦିବ୍ୟସିଂହ ପାତ୍ର, ଦିଲ୍ଲୀପ ପାତ୍ର ଓ ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଏହି କମିଟିର ସଦସ୍ୟ ଭାବେ ମନୋନୀତ ହେବାପରେ ହେନ୍ତାଳ ବଣର ସୁରକ୍ଷା ପାଇଁ କେତେକ ନୀତି ନିୟମ ପ୍ରଚଳନ କରିଥିଲେ । ଗ୍ରାମବାସୀମାନେ କମିଟିକୁ ଜଣାଇ ଜଙ୍ଗଲରୁ ଶୁଖିଲା ଜାଳପତ୍ର ସଂଗ୍ରହ

କରିପାରିବେ । ଜାଳ ପାଇଁ ଉଦ୍ଦିଷ୍ଟ କେରୁଆଁ ଓ ଖସ୍‌କାଳି ପ୍ରଜାତିର ଶୁଖିଲା ଓ ଭାଙ୍ଗି ପଡ଼ିଥିବା ଅଂଶ ହିଁ ସଂଗ୍ରହ କରାଯାଇପାରିବ । ଜାଳେଣୀ ପାଇଁ ବନୀ ପ୍ରଜାତିକୁ କଞ୍ଚା କାଟି ଆଣି ପାରିବେ ନାହିଁ । ଗାଈ ଗୋରୁମାନଙ୍କୁ ନିଜେ ନେଇ ଚାରଣ କରାଇବେ କିମ୍ବା ଖୁଣ୍ଟରେ ବାନ୍ଧି ରଖିବେ । ଗାଈଗୋରୁମାନଙ୍କୁ ଖୋଲା ଚରିବା ପାଇଁ ଛାଡ଼ିଦେବେ ନାହିଁ । ଯଦି କେହି ଗାଈଗୋରୁଙ୍କୁ ଖୋଲା ଛାଡ଼ିଦିଅନ୍ତି ତେବେ ୫୦ ଟଙ୍କା ଜରିମାନା ଦେବେ । ଗାଈଗୋରୁଙ୍କ ଦ୍ୱାରା ଯଦି ସୁରକ୍ଷିତ ହେନ୍ତାଳ ବଣର ନଷ୍ଟ ହୁଏ, ତେବେ କମିଟି ଆକଳନ କରିଥିବା କ୍ଷତି ପୂରଣ ଗାଈଗୋରୁଙ୍କ ମାଲିକଙ୍କ ଠାରୁ ଆଦାୟ କରାଯିବ । କମିଟିର ନିଷ୍ପତ୍ତି ଅନୁଯାୟୀ ଗ୍ରାମବାସୀମାନେ ପାଳି କରି ହେନ୍ତାଳ ବଣକୁ ତଦାରଖ କରିବେ । ଆବଶ୍ୟକ ପଡ଼ିଲେ ପ୍ରହରା ଦେବା ଦିଗରେ ଶ୍ରମଦାନ କରିବେ । ଗାଁର ଯଦି କେଉଁ ପରିବାର ଘର ତିଆରି ପାଇଁ ବା ଉପକରଣ ପାଇଁ କାଠର ଆବଶ୍ୟକତା ଲୋଡ଼ନ୍ତି ତେବେ କମିଟିକୁ ଜଣାଇବେ । କମିଟି ଗ୍ରାମବାସୀଙ୍କ ଅନୁମୋଦନ କ୍ରମେ ଆବଶ୍ୟକ କାଠ ପ୍ରଦାନ କରିବା ଦିଗରେ ପ୍ରକ୍ରିୟା ଆରମ୍ଭ କରିବେ । ଏହିଭଳି ଭାବରେ ନୀତିନିୟମ ତିଆରି ଓ ପାଳନ ହେବା ପରେ ବାଲିଚଢ଼ା ହୋଇ ଯାଇଥିବା ପ୍ରହରାଜପୁରର ଦେଢ଼ଶହ ଏକର ଜମିରେ ଏବେ ସବୁଜିମା ଫେରିଆସିଛି । କୂଳକ୍ଷୟର ସ୍ଥାୟୀ ନିରାକରଣ ସମ୍ଭବ ହୋଇପାରିଛି । ଗ୍ରାମବାସୀମାନେ ଜାଳେଣୀ ଓ ଦରକାରୀ କାଠ ପାଇ ଉପକୃତ ହୋଇପାରିଛନ୍ତି । ହରକଚ, କେତେଇ, ନାଳିଆ, ଧନ୍ୱନ୍ତରୀ, ପିତା ଓ ଲୁଣିରଗଡ଼ା ଭଳି ପ୍ରଜାତିମାନ ଆପେ ଆପେ ସୃଷ୍ଟି ହୋଇ ଘଞ୍ଚ ହୋଇପାରିଛନ୍ତି । କେରୁଆଁ, ବନୀ, ରାଇ, ଖସକାଳିର ପ୍ରଜାତିର ସଂଖ୍ୟା ଏତେ ବଢ଼ି ଯାଇଛି ଯେ ଏକଦା ଏହା ଗୋଟିଏ ବାଲିଚଢ଼ା ଥିଲା ବୋଲି ଜାଣିହେବନି ।

ପ୍ରହରାଜପୁରର ପାଖ ଗାଁ ହେଉଛି ଗୋବର୍ଦ୍ଧନପୁର ଓ ଓଲସାହି । ପ୍ରହରାଜପୁର ଗ୍ରାମବାସୀ ହେନ୍ତାଳ ବଣର ଉପକାରିତା ପାଇବା ଦେଖି ଏମାନେ ମଧ୍ୟ ଜଙ୍ଗଲ ସୁରକ୍ଷା ପାଇଁ ଆଗେଇ ଆସିଛନ୍ତି ।

✧

**ଦିଲ୍ଲୀପ ସୁବୁଦ୍ଧି**

## ବନ ଗ୍ରାମର ବ୍ୟଥା

ଆମ ରାଜ୍ୟରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ତଥ୍ୟ ବାହାରେ ବି ଅନେକ ଅଣ ସର୍ଭେ ଏବଂ ଜଙ୍ଗଲ ଗ୍ରାମ ରହିଛି ଯେଉଁଠି ଜଙ୍ଗଲ ବିଭାଗର ମର୍ଜି ଉପରେ ନିର୍ଭର କରୁଛି ସମସ୍ତ ପ୍ରକାର ବିକାଶ ପ୍ରକଳ୍ପ । ଅଣ ସର୍ଭେ ଓ ବନ ଗ୍ରାମଗୁଡ଼ିକର ଜଳ, ଜମି, ଜଙ୍ଗଲ ଓ ସମସ୍ତ ପ୍ରକାର ପ୍ରାକୃତିକ ସାଧନ ଉପରେ ରହିଛି ବନ ବିଭାଗର ଏକଚାଟିଆ ଅଧିକାର । ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଏହି ଗ୍ରାମଗୁଡ଼ିକରେ ଗ୍ରାମ୍ୟ ଜଙ୍ଗଲ ଅଧିକାର କମିଟି ଗଠନ ପ୍ରକ୍ରିୟା ମଧ୍ୟ ହାତକୁ ନିଆଯାଇନାହିଁ । କେତେକ ଗ୍ରାମରେ ଗ୍ରାମବାସୀମାନେ ନିଜ ଆଡୁ ଆଗ୍ରହ ପ୍ରକାଶ କରିଥିଲେ ସୁଦ୍ଧା ବନ ବିଭାଗର ନାସ୍ତି ସୂଚକ ନିର୍ଦ୍ଦେଶ ପାଇ ବନ ସୁରକ୍ଷା କାର୍ଯ୍ୟକ୍ରମ ମଧ୍ୟ କରିପାରିନାହାନ୍ତି । ବନ ଗ୍ରାମର ବାସିନ୍ଦାମାନଙ୍କୁ ଭୋଟର ପରିଚୟ ପତ୍ର ମିଳିନାହିଁ । ରାସନକାର୍ଡ଼ର ବ୍ୟବସ୍ଥା କରାଯାଇନାହିଁ । ବିଦ୍ୟୁତ ସଂଯୋଗ ପାଇଁ ବ୍ୟବସ୍ଥା କରାଯାଇପାରୁନାହିଁ । ଏପରିକି ବନ ଗ୍ରାମର ପିଲାମାନଙ୍କ ପାଇଁ ଶିକ୍ଷା ଅଧିକାର ଆଇନରୁ ମଧ୍ୟ ସୁଫଳ ଦିଆଯାଇପାରୁନାହିଁ । ବନ ଗ୍ରାମର ବାସିନ୍ଦାମାନଙ୍କ ବ୍ୟଥା ଓ ବେଦନାକୁ ମାନି ନେଇଥିବା ଅନେକ ଆଇନ ମଧ୍ୟ ସହାୟକ ହୋଇପାରୁନାହିଁ ।

ଦେଶରେ ଅନ୍ୟୁନ ୨୪୭୬ଟି ବନଗ୍ରାମ ରହିଛି । ମଧ୍ୟ ପ୍ରଦେଶରେ ସର୍ବାଧିକ ୮୯୩ ବନଗ୍ରାମ ଥିବାବେଳେ ଉତ୍ତରପ୍ରଦେଶରେ ସର୍ବନିମ୍ନ ୧୩ଟି ବନଗ୍ରାମ ଏବଂ ଆମ ରାଜ୍ୟ ଓଡ଼ିଶାରେ ୨୨ଟି ବନଗ୍ରାମ ଥିବା ଆଦିବାସୀ ବ୍ୟାପର ମନ୍ତ୍ରଣାଳୟ ପ୍ରକାଶ କରିଛି । ଅପର ପକ୍ଷରେ ଆମ ପକ୍ଷରୁ ସୂଚନା ଅଧିକାର ଆଇନ ଅନୁଯାୟୀ ମଗାଯାଇଥିବା ପ୍ରଶ୍ନର ଉତ୍ତର ଦେଇ ପାପଡ଼ାହାଣ୍ଡି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କେବଳ ପାପଡ଼ାହାଣ୍ଡି ବ୍ଲକ୍ ଅଞ୍ଚଳରେ ୨୭ଟି ବନ ଗ୍ରାମ ଥିବା ଦର୍ଶାଇଛନ୍ତି । ଜଙ୍ଗଲ କାମ କରିବା ପାଇଁ ଡାକି ଆଣିଥିବା ଶ୍ରମିକ ମାନଙ୍କୁ ଅଧ ଏକର ଲେଖାଏଁ ଜମି ଦେଇ ବନ ଗ୍ରାମ ସୃଷ୍ଟି କରାଇଥିବା ବନବିଭାଗ ସ୍ୱାଧୀନତାର ୬୩ ବର୍ଷ ପରେ ବି ଜମିଦାରୀ ହରାଇବାକୁ ଚାହୁଁନଥିବା ଲଜ୍ଜାର ବିଷୟ ବୋଲି କୁହାଯାଉଛି ।

ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅନ୍ତର୍ଗତ ବନାକେଲ ଏପରି ଏକ ବନଗ୍ରାମ ଯେଉଁଠି ଲୋକେ ବର୍ଷ ବର୍ଷ ଧରି ଚାଷ ଓ ବାସ କରି ଆସୁଥିବା ଜମିର ପଟ୍ଟା ପାଇ ପାରିନାହାନ୍ତି । ରେଙ୍ଗାଲି ପ୍ରକଳ୍ପ ପାଇଁ ଭିଟାମାଟି ହରାଇ ବନାକେଲ ବନଗ୍ରାମର ବାସିନ୍ଦାମାନେ ଭୋଟଦେବା ପାଇଁ ୫କି.ମି. ଦୂର ଏକ ଗାଁକୁ ଯାଉଛନ୍ତି । ଜଙ୍ଗଲ ଅଧିକାର ଆଇନ୍‌ରେ ବନ ଗ୍ରାମ ଗୁଡ଼ିକର କମିଟି ଗଠନ ଓ ଆବେଦନ ପ୍ରକ୍ରିୟା ପାଇଁ ଥିବା ନିର୍ଦ୍ଦେଶକୁ ଜାଣିଶୁଣି ବିଳମ୍ବିତ କରାଯାଇଛି ।

✧

# ବନ୍ଦ ହେଲା କାଠ କଟା

ସଂଘର୍ଷ

ଜଙ୍ଗଲ ଅଧିକାର ଆଇନ ଲାଗୁ ହେବାର ଇତି ମଧ୍ୟରେ ୪ ବର୍ଷ ପୂର୍ତ୍ତି ହେବାକୁ ବସିଲାଣି, ହେଲେ ଜଙ୍ଗଲ ବିଭାଗ ତାହାର ଜଙ୍ଗଲି ଆଇନକାନୁନ ଛାଡ଼ିବାକୁ ବର୍ତ୍ତମାନ ସୁଦ୍ଧା ପ୍ରସ୍ତୁତ ହୋଇନାହିଁ। ଯେଉଁ ଜମିକୁ ଜଙ୍ଗଲ ଅଧିକାର ଆଇନ ଅଧୀନରେ ଲୋକେ ଅଧିକାର ଦାବୀ କରିଛନ୍ତି, ସେଠାରେ ଦାବୀ ପ୍ରକ୍ରିୟା ନସରିବା ଭିତରେ ବି କାଠ କାଟିବାକୁ ଜଙ୍ଗଲ ବିଭାଗ ଆଗେଇ ଆସିଛି। ତେବେ ଗ୍ରାମବାସୀ ନିଜର ଏକତା ଓ ଜଙ୍ଗଲ ଅଧିକାର ଆଇନ ପ୍ରୟୋଗ କରିବା କାରଣରୁ ସଫଳ ହୋଇପାରିଛନ୍ତି। ଏହାର ଏକ ନଜିର ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ଡାଙ୍ଗସୋରଡ଼ା ଗ୍ରାମପଞ୍ଚାୟତର କିଞ୍ଜିରିମାଳ ଗାଁ'ରେ।

କିଞ୍ଜିରିମାଳ ଗାଁ'ଟି ନାଇରୁଗୁଡ଼ା ରିଜର୍ଭ ଜଙ୍ଗଲ ମଧ୍ୟରେ ଅବସ୍ଥିତ। ଗାଁ'ରେ ମୋଟ ୧୧ ଘର ଏବଂ ଲୋକସଂଖ୍ୟା ୬୦। ସମସ୍ତେ କନ୍ଧ ସମ୍ପ୍ରଦାୟର। ଗ୍ରାମବାସୀଙ୍କର ଜୀବନଜୀବିକା ହେଲା କୃଷି, ଦିନମଜୁରୀ ଓ ବନଜାତ ଦ୍ରବ୍ୟ ସଂଗ୍ରହ। ଗ୍ରାମବାସୀଙ୍କ କହିବା ମୁତାବକ ସେମାନେ ୨୦୦୩ ମସିହାରେ ବନ ସଂରକ୍ଷଣ ସମିତିରେ ସାମିଲ ହୋଇଥିଲେ। ୨୦୦ ଏକର ପରିମିତ ଜଙ୍ଗଲର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଥିଲା ସେମାନଙ୍କୁ। କିନ୍ତୁ ବନ ସଂରକ୍ଷଣ ସମିତି କହିଲେ କ'ଣ ବୁଝାଏ ତାହା ସେମାନେ ଜାଣିନାହାନ୍ତି। ସେମାନେ କେବଳ ଜଙ୍ଗଲ ବିଭାଗକୁ ଜାଣିଛନ୍ତି। ଆଗରୁ ଜଙ୍ଗଲ ଜମି ଜବର ଦଖଲ ଲାଗି ଖଜଣା ଦେବା ଜାଣୁଥିଲେ। କିନ୍ତୁ ୨୦୦୬ ମସିହାରେ ଜଙ୍ଗଲ ଅଧିକାର ଆଇନ ଲାଗୁ ହେବା ଏବଂ ୨୦୦୮ ମସିହାରେ ନିୟମାବଳୀ କାର୍ଯ୍ୟକାରୀ ହେବାପରେ କିଞ୍ଜିରିମାଳ ଗ୍ରାମବାସୀ ଚାଷବାସ କରିଆସୁଥିବା ନିଜର ଜଙ୍ଗଲ ଜମି ଉପରେ ଅଧିକାର ପାଇଲେ। ଭାବିଥିଲେ ଆମ ଜଙ୍ଗଲ ଆମର ହେବ। କିନ୍ତୁ ଏଥିରେ ବାଧକ ସାଜିଛନ୍ତି ଜଙ୍ଗଲ ବିଭାଗ। କିଞ୍ଜିରିମାଳ ଗ୍ରାମ ପଛରେ ଥିବା ଜଙ୍ଗଲର ଚାଷଜମି, ତଥା ଜଙ୍ଗଲକୁ ଜଙ୍ଗଲ ଅଧିକାର ଆଇନ ଅଧୀନରେ ଦାବୀ କରାଯାଇଥିଲା। ଗ୍ରାମରେ ବନ ସଂରକ୍ଷଣ ସମିତି ଗଠନ କରାଯାଇ ଜଙ୍ଗଲ ଜଗିବା ଲାଗି ଅନୁମତି ଦିଆଯାଇଥିଲା। କିନ୍ତୁ ସେଠାରେ ଜଙ୍ଗଲ ବିଭାଗ ବନ ସଂରକ୍ଷଣ ସମିତିର ପରାମର୍ଶ ନନେଇ ନିଜ ଇଚ୍ଛା ଅନୁସାରେ ୨୨୪ଟି ମୃତ ଶାଳ ଗଛକୁ କାଟିବା ଲାଗି ନିଷ୍ପତ୍ତି ନେଇଥିଲା। ଏହା ସହିତ ବୃକ୍ଷ ଚିହ୍ନଟ କରିବା ସହିତ ଗଛ କାଟିବା କାର୍ଯ୍ୟକ୍ରମ ବି ଚାଲିଥିଲା। ଏହି କଥା ଜାଣିଲା ପରେ ସାରା ଗାଁ' ଏହାକୁ ବିରୋଧ କରିଥିଲା। ଗ୍ରାମବାସୀମାନେ ଏକତ୍ର ହୋଇ ଜଙ୍ଗଲକୁ ଯାଇଥିଲେ ଓ ଏପରି କରିବାକୁ ମନା କରିଥିଲେ। ତେବେ ସେଠାରେ କାର୍ଯ୍ୟ କରୁଥିବା ଜଙ୍ଗଲ ବିଭାଗ କର୍ମଚାରୀମାନେ ଲୋକଙ୍କ କଥାକୁ ଧ୍ୟାନ ଦେଇନଥିଲେ ଏବଂ ନିଜ କାର୍ଯ୍ୟ ଚାଲୁ ରଖିଥିଲେ। ଏହା ଲୋକଙ୍କୁ ଅଧିକ ଉତ୍ୟକ୍ତ କରିଥିଲା। ବଳଭଦ୍ର ବ୍ରେଡେକା, କଳିମାଝି ଗାଗରେଙ୍ଗା, ଚକ୍ର ଗଡ଼ିକା, ମଙ୍ଗଲୁ ଗଡ଼ିକା, ସମ୍ବରୁ ଗାଗରେଙ୍ଗା ପ୍ରମୁଖ ଯାଇ ଏହାକୁ ବିରୋଧ କରିଥିଲେ। ସେମାନେ କହିଲେ ଯେ, 'ତୁମେ ଭି.ଏସ୍.ଏସ୍ କରି ଆମକୁ ଜଙ୍ଗଲ ଜଗିବାକୁ ଦାୟିତ୍ୱ ଦେଇଛ। ପୁଣି ଆମକୁ ନପଚାରି ଆମ ଜଙ୍ଗଲରୁ କାଠକାଟୁଛ ?' ତେବେ ଏଥିରେ ମଧ୍ୟ ସେଠାରେ ଥିବା ଜଙ୍ଗଲ ବିଭାଗ କର୍ମଚାରୀ ଧ୍ୟାନ ଦେଲେନାହିଁ। ଏହାପରେ ସେମାନେ ନିଜ ଗ୍ରାମପଞ୍ଚାୟତର ସହାୟତା ଲୋଡ଼ିଥିଲେ। ଏହି ବିଷୟକୁ ନେଇ ଗ୍ରାମପଞ୍ଚାୟତରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡାଙ୍ଗସୋରଡ଼ା ଗ୍ରାମପଞ୍ଚାୟତ ଅଧୀନ ଗ୍ରାମର ଅଧିବାସୀମାନେ ଯୋଗଦେଇଥିଲେ। ସେଠାରେ ନିଷ୍ପତ୍ତି ନିଆଯାଇଥିଲା ଯେ, ଏହି ଗଛକଟାକୁ ବିରୋଧ କରାଯିବ। ଏହାକୁ ସମସ୍ତ ଗ୍ରାମବାସୀ ସମର୍ଥନ କରିଥିଲେ। ତେବେ ଘଟଣା ଅନ୍ୟ ଦିଗକୁ ଯାଉଥିବାର ଜାଣିପାରି ଜଙ୍ଗଲ ବିଭାଗ ପୁଣିଥରେ ଆସି କିଞ୍ଜିରିମାଳ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। କହିଲେ କାଠଗୋଲାର ଯାହା ବିକ୍ରିଦର ହେବ ତାହାକୁ ଗ୍ରାମବାସୀ ଓ ଜଙ୍ଗଲ ବିଭାଗ ମଧ୍ୟରେ ସମାନ ଭାବେ ବଣ୍ଟାଯିବ। ତେବେ ଏହାକୁ ମଧ୍ୟ ଗ୍ରାମବାସୀ ବିରୋଧ କରିଛନ୍ତି। କହିଛନ୍ତି, 'ଆମ ଜଙ୍ଗଲରେ କାଠ ସଢ଼ିଲେ ବି ଆମେ ଦେବୁ ନାହିଁ। ଯଦି କାଠ ନେବାକୁ ଆସିବ ତେବେ ତୁମ ଗାଡ଼ି ପୋଡ଼ିଦେବୁ।' ତଥାପି ଜଙ୍ଗଲରେ ୨୨୪ ଟି ଶୁଖିଲା ଗଛ ଚିହ୍ନଟ ସରିଛି ଓ ପ୍ରାୟ ୫୦ ରୁ ଅଧିକ ଗଛ କଟାସରିଛି। କିନ୍ତୁ ଗ୍ରାମବାସୀଙ୍କ ବିରୋଧ ପରେ ଆଉ ଗଛ କଟାଯାଇନାହିଁ। କିଞ୍ଜିରିମାଳ ଗ୍ରାମବାସୀ ଅପେକ୍ଷା କରିଛନ୍ତି ଦେଖିବା ପାଇଁ ଜଙ୍ଗଲ ବିଭାଗର କେତେ ସାହସ ଯେ, ସେମାନଙ୍କୁ ହେୟଜ୍ଞାନ କରି ଜଙ୍ଗଲରୁ କାଠ ନେବ !



✧

**ଶରତ ଆଚାରୀ**
**ସବ୍ୟସାଚୀ ରଥ**

# କଣ୍ଡା ପାର୍ଷମ୍ଭା ଲୋକେ ଶେଷରେ ତାଙ୍କ ଅଧିକାର ପାଇଲେ

ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ତରଙ୍ଗଡା ପଞ୍ଚାୟତରେ ଏକ ପାହାଡ଼ ଉପରେ ଅବସ୍ଥିତ ଗୋଟିଏ ଗାଁ ହେଉଛି କଣ୍ଡା ପାର୍ଷମ୍ଭା । ଗାଁ'ଠାରୁ ସଦର ମହକୁମା ପାରଳାଖେମୁଣ୍ଡି ପ୍ରାୟ ୨୨ କି.ମି. ଦୂର । ଗାଁ'ର ମୋଟ ୯୨ଟି ପରିବାର ହେଉଛନ୍ତି ଲାଞ୍ଜିଆ ସଉରା ଆଦିବାସୀ ସମ୍ପ୍ରଦାୟର । ସେମାନଙ୍କର ମୁଖ୍ୟ ଜୀବନଜୀବିକା ହେଲା କୃଷି । କୃଷି କହିଲେ ଧାନ, ମାଣ୍ଡିଆ, ଜହ୍ନା, କାଙ୍ଗୁ, କୋଳଥ, ଇତ୍ୟାଦି । ଗ୍ରାମଟି ରାଜସ୍ୱ ଗ୍ରାମ ହେଲେ ମଧ୍ୟ ଲୋକମାନେ ଚାଷ କରୁଥିବା ଜମିର ପଟ୍ଟା ନଥିଲା, କାରଣ ଅଧିକାଂଶ ଜମିଗୁଡ଼ିକ ଜଙ୍ଗଲ କିସମର ଥିଲା । ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ନିୟମ ୨୦୦୭ ଲାଗୁହେଲା ପରେ ପ୍ରଥମେ ଆରସିଡିସି ସଂଗଠନ ଗଜପତି ଜିଲ୍ଲାର ଅନ୍ୟ ଅଞ୍ଚଳ ଭଳି ତରଙ୍ଗଡ଼ା ପଞ୍ଚାୟତରେ ଲୋକଙ୍କୁ ଏହି ଆଇନ ବିଷୟରେ ସଚେତନତା ଆଣିବା ତଥା ଦାବୀ ଆବେଦନ ପ୍ରକ୍ରିୟା ଲାଗି ତାଲିମ ପ୍ରଦାନ କରିଥିଲା । ଆରସିଡିସି ସେଠାରେ ନିଜର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଦାବୀ ପୁରଣ, ପଲ୍ଲୀସଭା ଓ ଯୁଗ୍ମ ତଦାରଖ ପ୍ରଭୃତିରେ ସହାୟତା କରିବା ସହ ଉପଖଣ୍ଡ ସ୍ତରୀୟ କମିଟି, ପାରଳାଖେମୁଣ୍ଡି ଠାରେ ଦାଖଲ କରାଇଥିଲା । ଏହାପରେ ଲୋକମାନଙ୍କର ଦାବୀ ମୁତାବକ ରାଜସ୍ୱ ନିରୀକ୍ଷକ ଆସି ଦାବୀ କରାଯାଇଥିବା ଜମିକୁ ଚିହ୍ନଟ କରାଇ ମ୍ୟାପ୍ ପ୍ରସ୍ତୁତ କରିଥିଲେ । କିନ୍ତୁ ଦିନ ପରେ ଦିନ ଗଡ଼ିଚାଲିଲା, ଅଥଚ ଶିରୋନାମା ମିଳିଲା ନାହିଁ । ଗ୍ରାମବାସୀ ନିଜର ଦାବୀ ପୂରଣ ପାଇଁ ବାରମ୍ବାର ପ୍ରୟାସ କରିଚାଲିଲେ, କିନ୍ତୁ ସଫଳତା ମିଳିଲା ନାହିଁ । ସେମାନେ ଚିନ୍ତାରେ ଥିଲେ । ତେବେ ଏହା ଆର୍‌ସିଡିସିର କାର୍ଯ୍ୟକ୍ଷେତ୍ର ହୋଇଥିବାରୁ ନିୟମିତ ବୈଠକରେ ୨୦୧୦ ମସିହାରେ ଗ୍ରାମର ୧୫ଜଣ ଲୋକ ଏହି କଥା ଉଠାଇଲେ । ଏହାପରେ ଲୋକମାନେ ଉପଖଣ୍ଡସ୍ତରୀୟ କମିଟିର ଅଧ୍ୟକ୍ଷଙ୍କୁ ଭେଟି ସମସ୍ୟା ଜଣାଇଲେ । ଉପଖଣ୍ଡ ସ୍ତରୀୟ କମିଟି ସେମାନଙ୍କୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧ୍ୟକ୍ଷଙ୍କୁ ଭେଟିବାକୁ ପରାମର୍ଶ ଦେଲେ । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧ୍ୟକ୍ଷଙ୍କୁ ଭେଟିବା ପରେ ସେ ଗୋଟିଏ ନଥି ଦେଖାଇଲେ ଯେଉଁଥିରେ ୨୫/୧୧/୨୦୧୧ରେ କଣ୍ଡା ପାର୍ଷମ୍ଭା ଗ୍ରାମର ୯୧ଟି ଶିରୋନାମା ପ୍ରଦାନ ହୋଇଯାଇଥିବାର ଦର୍ଶାଯାଇଥିଲା ଏବଂ ଗ୍ରାମବାସୀଙ୍କୁ ଉକ୍ତ ନଥିର ଏକ ନକଲ ପ୍ରଦାନ କରିଥିଲେ । କିନ୍ତୁ ଲୋକଙ୍କୁ ମିଳିନାହିଁ ବୋଲି କହିବାରୁ ମାଛମରା ରାଜସ୍ୱ ମଣ୍ଡଳରେ ପଚାରିବାକୁ କହିଲେ । ଏହିପରି ୨୦୧୧ ମସିହା ପର୍ଯ୍ୟନ୍ତ ଗ୍ରାମବାସୀ ତହସିଲ୍ ଅଫିସ୍‌ଠାରୁ ଆରମ୍ଭ କରି ରାଜସ୍ୱ ନିରୀକ୍ଷକ ଅଫିସ୍, ବନଖଣ୍ଡ ଅଧିକାରୀ ଏବଂ ଜିଲ୍ଲାପାଳ ଅଫିସ୍ ବୁଲିଲେ ମଧ୍ୟ କିଛି ଫଳ ହେଲାନାହିଁ । ଫଳରେ ସେମାନେ ପୁଣି ଏହି ବିଷୟକୁ ଗ୍ରାମସଭା ବୈଠକରେ ପକାଇଲେ । ଏହାକୁ ଆଖିରେ ରଖି ଆର୍‌ସିଡିସି କର୍ମକର୍ତ୍ତା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧ୍ୟକ୍ଷଙ୍କୁ ଭେଟି ଏହି କଥା ପଚାରିବାରୁ ଜାଣିବାକୁ ପାଇଥିଲେ ଯେ, ତା ୨୦.୬.୨୦୧୧ ମସିହାରେ ମାଛମରା ରାଜସ୍ୱ ମଣ୍ଡଳ ଗ୍ରାମର କଣ୍ଡା ପାର୍ଷମ୍ଭା ଗ୍ରାମବାସୀ ୯୧ଟି ପଟ୍ଟା ଗ୍ରହଣ କରିଛନ୍ତି । ଯେହେତୁ ଏହା ରାୟଗଡ଼ା ତହସିଲରେ ଯାଉଛି, ତେଣୁ ରାୟଗଡ଼ା ତହସିଲଦାର ଏହାକୁ ଗୁରୁତ୍ୱ ଦେଲେନାହିଁ । ଏହାପରେ ଏହାକୁ ନେଇ ଗାଁର ଏକ ବଡ଼ ଆଲୋଚନା ଆରମ୍ଭ ହେଲା ଓ ଆଲୋଚନାର ନିଷ୍ପତ୍ତି ନିଆଗଲା ଯେ ଏହି ସମସ୍ୟାକୁ ଜିଲ୍ଲାପାଳଙ୍କୁ ଜଣାଯିବ ଓ ଜଣାଗଲା ମଧ୍ୟ; କିନ୍ତୁ ପୁଣି ସବୁ ଚୁପ୍‌ଚାପ୍ । ୨୦୧୧ ଯାଇ ୨୦୧୨ ଆସିଲା । ଏହି ୨୦୧୨ ମସିହା ଏପ୍ରିଲ ୦୩ ତାରିଖ ଦିନ ଆର୍‌ସିଡିସି କର୍ମୀଙ୍କ ସହାୟତାରେ କଣ୍ଡା ପାର୍ଷମ୍ଭା ଗ୍ରାମରେ ପଲ୍ଲୀସଭା କରି ଗୋଟିଏ ଦରଖାସ୍ତ ଓ ଏହା ସହିତ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧ୍ୟକ୍ଷ ଦେଇଥିବା ନଥି ସହିତ ୨୦୦୮ ମସିହାରେ ଉପଖଣ୍ଡସ୍ତରୀୟ କମିଟି ଗ୍ରହଣ କରିଥିବା ୯୨ଟି ଦାବୀ ଗ୍ରହଣ କରାଯାଇଥିବା କପିକୁ ଜିଲ୍ଲାପାଳଙ୍କୁ ପ୍ରଦାନ କରାଗଲା ଓ ଏହିସବୁ ତଥ୍ୟକୁ ଆଧାର କରି ଆର୍‌ସିଡିସି ଆଦିବାସୀ ଉନ୍ନୟନ ବିଭାଗର ସଚିବ ତଥା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାକୁ ପ୍ରେରଣ କରିବାର ଠିକ୍ ୧୫ଦିନ ପରେ ଗଜପତି ଜିଲ୍ଲାପାଳଙ୍କୁ ପାଖକୁ ସଚିବଙ୍କ ନିକଟରୁ ଚିଠି ଆସିଲା ଓ ସେହି ଚିଠିରେ ଜିଲ୍ଲାପାଳ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧ୍ୟକ୍ଷଙ୍କୁ ତୁରନ୍ତ କଣ୍ଡା ପାର୍ଷମ୍ଭା ଗ୍ରାମର ସ୍ୱୀକୃତିନାମା ବାଣ୍ଟିବା ପାଇଁ ପତ୍ର ଲେଖିଲେ । ଶେଷରେ ୨୦.୪.୧୨ ଦିନ ଦୁଇ ଜଣ ଅମିନ, ସରପଞ୍ଚ, ସମିତି ସଭ୍ୟ, ୱାର୍ଡ଼ ମେମ୍ବର ଓ ଆର୍‌ସିଡିସି କର୍ମୀଙ୍କ ଉପସ୍ଥିତିରେ କଣ୍ଡା ପାର୍ଷମ୍ଭା ଗ୍ରାମବାସୀଙ୍କୁ ୯୧ଟି ଶିରୋନାମା ବଣ୍ଟନ କରିଥିଲେ । କଣ୍ଡାପାର୍ଷମ୍ଭା ଗାଁର ଧୈର୍ଯ୍ୟ ଓ ଆର୍‌ସିଡିସିର ସହାୟତା ଫଳରେ ଖାଲି ଗୁମ୍ମା ବ୍ଲକର କଣ୍ଡା ପାର୍ଷାମ୍ଭା ନୁହେଁ ଆଖପାଖ ଗ୍ରାମର ୪୦୦ଟି ଶିରୋନାମା ବଣ୍ଟନ ହୋଇପାରିଲା ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧ୍ୟକ୍ଷ, ସମସ୍ତ ତହସିଲଦାର, ଗଜପତିଙ୍କୁ ଆସନ୍ତା ୩୧ ଏପ୍ରିଲ୍ ସୁଦ୍ଧା ସମସ୍ତ ପଟ୍ଟା ବଣ୍ଟନ ପାଇଁ ବ୍ୟବସ୍ଥା କରିବାକୁ ପତ୍ର ଲେଖିଲେ । ତେବେ ଗ୍ରାମବାସୀଙ୍କ ଅଧିକାର ପାଇବାକୁ ଦାବୀ କରିବା ଏବଂ ନିଜର ଅଧିକାରକୁ ହସ୍ତଗତ କରିବା ନେଇ ଆଖପାଖ ଗ୍ରାମବାସୀମାନେ ଖୁବ ଶିକ୍ଷାଲାଭ କରିଛନ୍ତି । ସେମାନେ ବର୍ତ୍ତମାନ ବୁଝିସାରିଲେଣି ଯେ କ'ଣ କଲେ ସରକାରୀ ସ୍ତରରେ ଚାପ ପଡ଼ିପାରିବ ଓ ନିଜର କାମକୁ ସଫଳତା ଓ ସମ୍ମାନର ସହିତ କରାଯାଇପାରିବ ।

✧

**ମନୋଜ ଶତପଥୀ**

# ବନ୍ୟପ୍ରାଣୀ ଅପରାଧ




## ପୃଷ୍ଠଭୂମି

ବର୍ତ୍ତମାନ ବିଭିନ୍ନ ପ୍ରକାର ପ୍ରକଳ୍ପ, କଳକାରଖାନା, ଖଣିଖାଦାନ ଓ ସହରୀକରଣ ନିମନ୍ତେ ବହୁଳ ମାତ୍ରାରେ ଜଙ୍ଗଲକୁ ନଷ୍ଟ କରାଯାଉଛି, ଯାହାଫଳରେ ଜଙ୍ଗଲରେ ଥିବା ବନ୍ୟଜନ୍ତୁଙ୍କୁ ଶିକାର କରିବା ଖୁବ୍ ସହଜ ହୋଇଛି । ଖଣିଖାଦାନ ଖୋଲାହେବା ଫଳରେ ଖଣିରେ ପଡ଼ି ଜୀବଜନ୍ତୁ ମରୁଛନ୍ତି । ରେଳ ରାସ୍ତା ଓ ସଡ଼କ ନିର୍ମାଣ ଯୋଗୁଁ ଦୁର୍ଘଟଣାରେ ମଧ୍ୟ ବନ୍ୟଜୀବମାନେ ପ୍ରାଣ ହରାଉଛନ୍ତି । ରାଜ୍ୟର କ୍ରମବର୍ଦ୍ଧିଷ୍ଣୁ ବିକାଶ ପ୍ରକ୍ରିୟାକୁ ଆଖିରେ ରଖି ପ୍ରାକୃତିକ ଜଙ୍ଗଲକୁ ଅଣଜଙ୍ଗଲ କାର୍ଯ୍ୟରେ ଲଗାଯିବା ଫଳରେ ଜଙ୍ଗଲ ସଙ୍କୁଚିତ ହେବା ସହିତ ଜଙ୍ଗଲରେ ଖାଦ୍ୟାଭାବ ଓ ଜଳଉତ୍ସର ହ୍ରାସ ଘଟିବାରେ ଲାଗିଛି । ଏହି କାରଣରୁ ବନ୍ୟଜୀବମାନଙ୍କର ଚଲାପଥ ଓ ବାସସ୍ଥଳୀର କ୍ଷୟ ହୋଇଚାଲିଛି ଯଦ୍ୱାରା ଖାଦ୍ୟ ଓ ଜଳ ଲାଗି ବନ୍ୟପ୍ରାଣୀମାନେ ଜନପଦଆଡ଼କୁ ମୁହାଁଇବାକୁ ବାଧ୍ୟ ହେଉଛନ୍ତି । ବନ୍ୟଜନ୍ତୁଙ୍କ ଦାଉରୁ ଧନସମ୍ପଦ କ୍ଷୟ, ଫସଲହାନୀ ଓ ଧନଜୀବନର ସୁରକ୍ଷାଲାଗି ଜଙ୍ଗଲ ନିକଟସ୍ଥ ଗ୍ରାମ ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଲୋକେ ଶିକାର ତଥା ଆକ୍ରମଣ କରିବାକୁ ବାଧ୍ୟ ହେଉଛନ୍ତି । ଏହାଫଳରେ ମଣିଷ ଓ ବନ୍ୟପ୍ରାଣୀ ମଧ୍ୟରେ ସଂଘର୍ଷର ସୂତ୍ରପାତ ହେଉଛି । ଏହାର ଭରପୁର ସୁଯୋଗ ବାହ୍ୟ ତଥା ଅନ୍ତରାଜ୍ୟ ଶିକାରୀମାନେ ଉଠାଉଛନ୍ତି । ଫଳରେ ବନ୍ୟପ୍ରାଣୀ ଅପରାଧ ବୃଦ୍ଧି ପାଇଛି । ସାରା ବିଶ୍ୱରେ ନିଶା ଦ୍ରବ୍ୟର ବ୍ୟବସାୟ ତଳକୁ ବନ୍ୟପ୍ରାଣୀ କାରବାରର ସ୍ଥାନ ରହିଛି ।

## ଅପରାଧର କାରଣ

ଆଇନ ଅନୁସାରେ ବନ୍ୟପ୍ରାଣୀଙ୍କୁ ଶିକାର କରିବା, ଧରିବା, ଅଟକ ରଖିବା, ତାର ବାସସ୍ଥଳୀ ନଷ୍ଟ କରିବା କିମ୍ବା ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗର ବ୍ୟବସାୟ କରିବାକୁ ବନ୍ୟପ୍ରାଣୀ ଅପରାଧ କୁହାଯାଏ । ବନ୍ୟଜନ୍ତୁମାନଙ୍କୁ ସର୍ବଦା ପ୍ରତ୍ୟକ୍ଷ ବା ପରୋକ୍ଷ କାରଣ ଯୋଗୁଁ ଶିକାର ବା ହତ୍ୟା କରାଯାଇଥାଏ । କେତେବେଳେ ସ୍ୱାଦିଷ୍ଟ ମାଂସ ତ କେତେବେଳେ ଚମଡ଼ା, ଶିଙ୍ଘ, ଦାନ୍ତ, ନଖ, ତେଲ ପ୍ରଭୃତିକୁ ବାଣିଜ୍ୟ କାରବାର ପାଇଁ ଏବଂ ଫସଲହାନୀକୁ ରୋକିବା ତଥା ଆତ୍ମରକ୍ଷା ପାଇଁ ମଧ୍ୟ ବନ୍ୟଜନ୍ତୁଙ୍କୁ ଶିକାର କରାଯାଉଛି । ତେବେ ବର୍ତ୍ତମାନ ପ୍ରତ୍ୟକ୍ଷ ଶିକାର ଠାରୁ ପରୋକ୍ଷ ଶିକାର ଟପିଯିବା ଭଳି ପରିସ୍ଥିତି ହୋଇଗଲାଣି । କାରଣ ରାଜ୍ୟର ତଥାକଥିତ ବିକାଶ ପ୍ରକ୍ରିୟା ଲାଗି ଦ୍ରୁତ ଶିଳ୍ପାୟନ, ଖଣିଖାଦାନ ତଥା ନୂତନ ସହର ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି । ସାଧାରଣ କୃଷଜମିରେ କଳକାରଖାନା ପ୍ରତିଷ୍ଠା କରିବା ଏକ କଷ୍ଟକର ଓ ଦ୍ୱନ୍ଦ୍ୱାତ୍ମକ ବ୍ୟାପାର । ତେଣୁ ଜଙ୍ଗଲ ଜମିକୁ କାର୍ଯ୍ୟରେ ବିନିଯୋଗ କରାଯାଉଛି । ତାହାଛଡ଼ା ଓଡ଼ିଶାର ପ୍ରାୟ ପ୍ରତିଟି ପାହାଡ଼ ତଳେ ଖଣି ରହିଥିବା ଏବଂ ଉକ୍ତ ପାହାଡ଼ରେ ଜଙ୍ଗଲ ରହିଥିବାରୁ ଖଣି ଖୋଲିବା ପାଇଁ ଜଙ୍ଗଲକୁ ନଷ୍ଟ କରାଯାଉଛି କାରଣ ଜଙ୍ଗଲ ନଷ୍ଟ କରାନଗଲେ ଖଣି ଖୋଲାଯାଇପାରିବ ନାହିଁ । ଜଙ୍ଗଲ ନଷ୍ଟ ଓ ଖଣିର ପ୍ରଭାବରେ ବନ୍ୟପ୍ରାଣୀଙ୍କ ସଂଖ୍ୟା ଦ୍ରୁତ ଗତିରେ ହ୍ରାସ ପାଇବା ସହିତ ତାଳ ଦେଇ ପରୋକ୍ଷ ଶିକାର ବା ଅପରାଧର ମାତ୍ରା ବଢ଼ିଚାଲିଛି । ଏହି ଅପରାଧକୁ ମୁଖ୍ୟତଃ ୪ଟି ଭାଗରେ ବିଭକ୍ତ କରାଯାଇପାରେ :

୧) ମାଂସ ପାଇଁ ଶିକାର
୨) ପରମ୍ପରା/ଅନ୍ଧବିଶ୍ୱାସ ଲାଗି ଶିକାର
୩) ବ୍ୟବସାୟ/ଜୀବନଜୀବିକା ଲାଗି ଶିକାର
୪) ପରୋକ୍ଷ ଶିକାର

## ମାଂସ ପାଇଁ ଶିକାର

'ସାଧାରଣତଃ ଗୃହପାଳିତ ପକ୍ଷୀ ଓ ପଶୁର ମାଂସ ଅପେକ୍ଷା ବନ୍ୟ ପଶୁପକ୍ଷୀଙ୍କର ମାଂସ ଅଧିକ ସ୍ୱାଦଯୁକ୍ତ', ଏହା ପ୍ରାୟ ସମସ୍ତଙ୍କର ଧାରଣା । ଏହା କେତେଦୂର ସତ କି ମିଛ ସେ କଥା ଖାଇବା ଲୋକ ଜାଣିପାରିଥିବେ । ଜଙ୍ଗଲରେ ହରିଣ, କୁଟରା, ସମ୍ବର, ବାରହା,କୃଷ୍ଣସାର ମୃଗ ତଥା ପକ୍ଷୀମାନେ ଥାନ୍ତି । ଏହି ଜନ୍ତୁମାନଙ୍କୁ ବିଭିନ୍ନ ପୁରାତନ ତଥା ନୂତନ ପଦ୍ଧତି ପ୍ରୟୋଗ କରି ଜଙ୍ଗଲ ମଧ୍ୟରୁ ଶିକାର କରାଯାଇଥାଏ । ସେମାନଙ୍କର ମାଂସକୁ ସଂଗ୍ରହ କରି ବଜାରରେ ଲୁଚ୍‌ଚୋରାରେ ବିକ୍ରି କରାଯିବା ସହିତ ଶିଙ୍ଘ, ଛାଲ ଓ ଅନ୍ୟାନ୍ୟ ଅଂଶକୁ ମଧ୍ୟ ବିକ୍ରି କରାଯାଇଥାଏ । ଏହି ଶିକାର ଲାଗି ସାଧାରଣତଃ ଦୁଇ ପ୍ରକାର ଲୋକ ନିଯୁକ୍ତ ହୋଇଥାଆନ୍ତି । ଜଣେ ଶିକାର କରେ ଓ ଅନ୍ୟ ଜଣେ ଶିଙ୍ଘ, ଛାଲ ଆଦି ବାହାର କରି ସ୍ଥାନୀୟ ବଜାରରେ ଶସ୍ତା ଦରରେ ବିକ୍ରି କରେ କିମ୍ବା ନିଜ ଗ୍ରାମର ବାଜା, ଢ଼ୋଲ ଆଦିରେ ବ୍ୟବହାର ପାଇଁ ରଖିଥାନ୍ତି । ତେବେ ଏହି ଶିକାର କେବଳ ମାଂସ ଲାଗି ହିଁ କରାଯାଇଥାଏ ।

## ପରମ୍ପରା/ଅନ୍ଧବିଶ୍ୱାସ ଲାଗି ଶିକାର

ଆମ ରାଜ୍ୟର ପାହାଡ଼ ପର୍ବତ ଘେରା ଜଙ୍ଗଲ ଅଞ୍ଚଳରେ କାଳକାଳ ଧରି ଆଦିବାସୀମାନେ ବସବାସ କରିଆସୁଛନ୍ତି । ସେମାନେ ବର୍ତ୍ତମାନର ତଥାକଥିତ ସମାଜରେ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସାମିଲ ହୋଇପାରିନାହାଁନ୍ତି । ସେମାନଙ୍କର ଜୀବନଧାରଣ କରିବାର ଶୈଳୀ, ଖାଦ୍ୟ, ବସ୍ତ୍ର, ପରମ୍ପରା ଓ ରୁଚି ଆମ ସଭ୍ୟ ସମାଜଠାରୁ ଭିନ୍ନ । ସେମାନେ ଖୁବ୍ ପରମ୍ପରାବାଦୀ । ପର୍ବପର୍ବାଣୀ ବେଳେ ସମସ୍ତେ ଖୁସିରେ ଝୁମିଉଠିଥାନ୍ତି । ଏହି ସମୟରେ ନିଜର ଖୁସିକୁ ଅଧିକ କରିବାପାଇଁ ଜଙ୍ଗଲକୁ ଶିକାର କରିବାକୁ ଯାଇଥାନ୍ତି । ତେଣୁ ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଆଦିବାସୀମାନେ ଜଙ୍ଗଲକୁ ମିଳିତ ଭାବେ ଶିକାର କରିବାକୁ ଯାଇଥାନ୍ତି । ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଜାତୀୟ ଉଦ୍ୟାନ ମଧ୍ୟରେ ଓ ବାହାରେ ବସବାସ କରୁଆସୁଥିବା ସାନ୍ତାଳ ଓ କନ୍ଧ ସମ୍ପ୍ରଦାୟର ଆଦିବାସୀମାନେ ପ୍ରତ୍ୟେକ

ବର୍ଷର ପଣା ସଂକ୍ରାନ୍ତି ଦିନ ଶିମିଳିପାଳ ଜଙ୍ଗଲ ମଧ୍ୟକୁ ଶିକାର କରିବା ପାଇଁ ଯାଇଥାନ୍ତି । ପ୍ରାୟ ୨ରୁ ୪ଟି ଗାଁ'ର ୨୦୦ରୁ ଉର୍ଦ୍ଧ୍ୱ ଲୋକ ଜଙ୍ଗଲ ମଧ୍ୟକୁ ଏକାଧିକ ଦଳରେ ଭାଗଭାଗ ହୋଇଯାଇଥାନ୍ତି ଓ ଶିକାର ନକରିବା ପର୍ଯ୍ୟନ୍ତ ଘରକୁ ଫେରିନଥାନ୍ତି । ଏହାକୁ 'ଅଖଣ୍ଡ ଶିକାର' କୁହାଯାଇଥାଏ । ବର୍ତ୍ତମାନ ସୁଦ୍ଧା ଏହି ଶିକାର ଚାଲୁରହିଛି । କୋରାପୁଟ ଜିଲ୍ଲାରେ ପୂର୍ବେ ଆଦିବାସୀମାନଙ୍କର 'ଚୈତ ପର୍ବ' ବା 'ବେଣ୍ଟ' ବୋଲି ଏକ ପର୍ବ ଥିଲା । ଏହି ପର୍ବରେ ଲୋକମାନେ ଜଙ୍ଗଲକୁ ଯାଇ ଶିକାର କରୁଥିଲେ । ଯଦି କେହି ପୁରୁଷ ଶିକାର ନ କରି ଫେରୁଥିଲା ତେବେ ତାକୁ କାପୁରୁଷ, ଭୀରୁ ବୋଲି କହି ପୁଣି ଶିକାରକୁ ପଠାଯାଉଥିଲା କିମ୍ବା ଟାହି ଟାପରା କରାଯାଉଥିଲା । ଏହିଭଳି ଭାବେ ଆଦିବାସୀମାନେ ସେମାନେ ପରମ୍ପରା, ପ୍ରଥା ଲାଗି ବନ୍ୟଜନ୍ତୁଙ୍କୁ ଶିକାର କରୁଥିଲେ ଓ ବର୍ତ୍ତମାନ ମଧ୍ୟ କରୁଛନ୍ତି ।

ଏହାଛଡା ଜୀବନଜୀବିକା ତଥା ଆତ୍ମରକ୍ଷାଲାଗି ବନ୍ୟଜନ୍ତୁଙ୍କୁ ଶିକାର, ଧରାଯିବା ଓ ହତ୍ୟା ମଧ୍ୟ କରାଯାଇଥାଏ । ଆମ ଦେଶ ତଥା ରାଜ୍ୟରେ ଅନେକ ସମ୍ପ୍ରଦାୟ ଅଛନ୍ତି ଯେଉଁମାନେ ପରମ୍ପରାଗତ ଭାବେ ବନ୍ୟଜନ୍ତୁଙ୍କୁ ଧରି ତାକୁ ତାଲିମ ଦେଇଥାନ୍ତି । ଭାଲୁ ଓ ମାଙ୍କଡ ଧରି ନଚାଇବା, ସାପ ଖେଳାଇବା, ଶୁଆ ମାଧ୍ୟମରେ ଭବିଷ୍ୟବାଣୀ କୁହାଇବା ପ୍ରଭୃତି ମନୋରଞ୍ଜନ କାର୍ଯ୍ୟକ୍ରମ କରିଆରେ ଅର୍ଥ ରୋଜଗାର କରିଥାନ୍ତି । ଏହି କାର୍ଯ୍ୟଲାଗି ଉକ୍ତ ସମ୍ପ୍ରଦାୟର ଲୋକମାନେ ଜଙ୍ଗଲ ଓ ଆଖପାଖ ଅଞ୍ଚଳରୁ ଏହି ବନ୍ୟଜନ୍ତୁଙ୍କୁ ଧରିଥାନ୍ତି । ଅନେକ ନେଉଳ, ଓଧ, ମାଙ୍କଡ, ଶାଳିଆପତନୀ, ଶାରୀ , ବଣି, ମୟୁର ଆଦିଙ୍କୁ ଘରେ ପୋଷିଥାନ୍ତି । ଏହା ସେମାନଙ୍କର ସଉକ ମାତ୍ର । ଏହିସବୁ କାର୍ଯ୍ୟ ଯଦିଓ ୧୯୭୨ ବନ୍ୟଜନ୍ତୁ ସୁରକ୍ଷା ଆଇନର ପରିପନ୍ଥୀ, ତଥାପି ଏହା ଉପରେ ଆଇନର ପ୍ରଭାବ ଏତେ ମାତ୍ରାରେ ପଡ଼ିପାରିନାହିଁ । କାରଣ ଏହି ପଶୁପକ୍ଷୀଙ୍କୁ ନେଇ ଜୀବିକା ନିର୍ବାହ କରୁଥିବା ଲୋକମାନଙ୍କୁ ବଞ୍ଚିବାର ବିକଳ୍ପ ପନ୍ଥା ଏପର୍ଯ୍ୟନ୍ତ ଯୋଗାଇ ଦିଆଯାଇପାରିନାହିଁ । ବନ୍ୟଜନ୍ତୁ ପୋଷିବା, ସେମାନଙ୍କୁ ନଚାଇ ପଇସା ରୋଜଗାର କରୁଥିବା ଲୋକମାନେ ଉକ୍ତ ଜନ୍ତୁଙ୍କର ଯତ୍ନ ନେଇଥାନ୍ତି । ତେବେ ଅଳ୍ପ କେତେକ କ୍ଷେତ୍ରରେ ଉକ୍ତ ଜନ୍ତୁ ମୃତ୍ୟୁ ବରଣ କରିଥାନ୍ତି । କିନ୍ତୁ ବନ୍ୟଜନ୍ତୁ ବନରେ ରହିବା ଶ୍ରେୟସ୍କର ଯୁକ୍ତିରେ ଆଇନ ଏହାର ବିରୋଧ କରୁଛି ।

ଏହିସବୁ ଘଟଣା ପରେ ପ୍ରମୁଖ ସମସ୍ୟା ହେଉଛି ଆତ୍ମରକ୍ଷା ଓ ଜୀବନଜୀବିକା ତଥା ଫସଲହାନିକୁ ରୋକିବାପାଇଁ ବନ୍ୟଜନ୍ତୁ ଶିକାର ବା ହତ୍ୟା । ବର୍ତ୍ତମାନ ଜଙ୍ଗଲ ଅତି ମାତ୍ରାରେ ହ୍ରାସ ଘଟିବା, ଜଙ୍ଗଲରୁ ମିଳୁଥିବା ପ୍ରାକୃତିକ ଖାଦ୍ୟ କମିଯିବା ଓ ଜଳ ଉତ୍ସ ଶୁଖିଯିବା ଦ୍ୱାରା ବନ୍ୟଜନ୍ତୁ ଇତସ୍ତତଃ ହୋଇ ଖାଦ୍ୟ ପାଇଁ ଜଙ୍ଗଲ ବାହାରକୁ ଚାଲିଆସୁଛନ୍ତି ଓ ଧନଜୀବନ ହାନି କରୁଛନ୍ତି । ଜଙ୍ଗଲ ବା ଅଭୟାରଣ୍ୟ ନିକଟସ୍ଥ ଗ୍ରାମବାସୀମାନେ ଜୀବନଜୀବିକା ଲାଗି ଧାନ ଓ ଅନ୍ୟାନ୍ୟ ଚାଷକାର୍ଯ୍ୟ କରିଥାନ୍ତି । ସେମାନଙ୍କର ପରିଶ୍ରମ ଜନିତ ଫସଲ ଯଦି ହାତୀ ଓ ଅନ୍ୟାନ୍ୟ ବନ୍ୟଜୀବଙ୍କ ଦ୍ୱାରା ନଷ୍ଟ ହୁଏ, ତେବେ ସେମାନେ ଆକ୍ରମଣାତ୍ମକ ହେବା ସ୍ୱାଭାବିକ । ତେଣୁ ସେମାନେ ଗୁଳିକରି, ବିଷଦେଇ, ଫାଶଦ୍ୱାରା କିମ୍ବା ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ ତାର ପକାଇ ଉକ୍ତ ବନ୍ୟଜୀବଙ୍କୁ ମାରି ଦେଇଥାନ୍ତି ବା ଆଘାତ କରାଇଥାନ୍ତି । ଏହା ପଛରେ ଶିକାର କରିବାର ଉଦ୍ଦେଶ୍ୟ ନଥାଏ ବରଂ ପରିଶ୍ରମ ଜନିତ ଫସଲକୁ ବନ୍ୟଜନ୍ତୁଙ୍କ ଦାଉରୁ ରକ୍ଷା କରିବାକୁ ଯାଇ ଏହିଭଳି ଅପରାଧ ସଂଘଠିତ ହୋଇଥାଏ । ସେହିଭଳି ଜଙ୍ଗଲ ମଧ୍ୟରୁ ବାଘ ଆଦି ପଶୁ ଜଙ୍ଗଲ ନିକଟସ୍ଥ ଗ୍ରାମକୁ ଚାଲିଆସି ଗୋରୁଗାଈ ଆଦି ଗୃହପାଳିତ ପଶୁଙ୍କୁ ଆକ୍ରମଣ କରି ଖାଇଯାଇଥାନ୍ତି । ତେଣୁ ଲୋକମାନେ ବାଘ ଛାଡିଯାଇଥିବା ମଢ଼ରେ ବିଷ ପ୍ରୟୋଗ କରିଥାନ୍ତି ଯାହା ଫଳରେ ବାଘଟି ପୁନର୍ବାର ଆସି ଉକ୍ତ ମଢ଼କୁ ଖାଇବା ଦ୍ୱାରା ମୃତ୍ୟୁମୁଖରେ ପଡିଥାଏ । ରାଜ୍ୟରେ ହାତୀ ମୃତ୍ୟୁ ମଧ୍ୟ ଏହାର ଅନ୍ୟତମ ମୁଖ୍ୟ କାରଣ ଭାବେ ଉଭା ହୋଇଛି ଓ ଅଧିକାଂଶ ହାତୀ ଗୁଳି ଓ ବିଦ୍ୟୁତ ଆଘାତ ଯୋଗୁଁ ମୃତ୍ୟୁବରଣ କରୁଛନ୍ତି ।

**ବ୍ୟବସାୟ/ଜୀବନଜୀବିକା ଲାଗି ଶିକାର**

ଏହିସବୁ ପ୍ରକାରର ଶିକାର ପରେ ସବୁଠାରୁ ସମ୍ବେଦନଶୀଳ ଓ ସ୍ପର୍ଶକାତର ପ୍ରସଙ୍ଗ ହେଉଛି ବ୍ୟବସାୟ ଓ ଅନ୍ଧବିଶ୍ୱାସ ଲାଗି ବନ୍ୟଜନ୍ତୁଙ୍କୁ ଶିକାର କରାଯିବା । ଏହି ଶିକାର ଅପରାଧରେ ଜଙ୍ଗଲ ନିକଟସ୍ଥ ଗ୍ରାମବାସୀ, ସ୍ଥାନୀୟ ଶିକାରୀ, ରାଜ୍ୟ-ଆନ୍ତଃରାଜ୍ୟ ତଥା ବାହାର ଦେଶର ଶିକାରୀ ଏବଂ ବନ୍ୟଜନ୍ତୁଙ୍କର ଦେହାବଶେଷକୁ ବିକ୍ରି କରୁଥିବା ସଂସ୍ଥା ତଥା ଚୋରା ବେପାରୀ ନିୟୋଜିତ ହୋଇଥାନ୍ତି । ଅନେକ ସମୟରେ କିଛି ମଧ୍ୟସ୍ଥି ଏହି ବ୍ୟବସାୟ ମଧ୍ୟରେ ସମ୍ପୃକ୍ତ ଥାନ୍ତି । ମୁଖ୍ୟତଃ ଆମ ଦେଶରେ ତଥା ରାଜ୍ୟରେ ଶିକାରୀମାନେ ହାତୀ ଓ ବାଘର ଦେହାବଶେଷକୁ ଅଧିକ ପ୍ରାଧାନ୍ୟ ଦେଇଥାନ୍ତି । କାରଣ ଏହାର ମୂଲ୍ୟ ଅଧିକ ହୋଇଥାଏ । ଆଫ୍ରିକୀୟ ହାତୀଙ୍କ ଦାନ୍ତ ଠାରୁ ଏସୀୟ ହାତୀଙ୍କର ଦାନ୍ତର ଚାହିଦା ମୂଲ୍ୟ ଆନ୍ତର୍ଜାତିକ ବଜାରରେ ଦେଢ଼ଗୁଣ। ହେଉଛି ହାତୀର ଅବାଧ ଶିକାର ହେବାର ମୂଳ କାରଣ । ତାହାଛଡା ଚୀନ ଭଳି ଦେଶରେ ବାଘ ଶରୀରରୁ ନାନାପ୍ରକାରର ଔଷଧ ପ୍ରସ୍ତୁତ ହୁଏ । ଫଳରେ ପଡୋଶୀ ଦେଶ ଚୀନ ନିଜର ଔଷଧ ପ୍ରସ୍ତୁତି ପାଇଁ ଭାରତର ବାଘ ଉପରେ ନିର୍ଭର କରୁଛି । ଶିକାର ସାଧାରଣତଃ ଦୁଇପ୍ରକାର ହୋଇଥାଏ । ପ୍ରଥମଟି ହେଲା ଲୋକ ସିଧାସଳଖ ଭାବେ ନିଜେ ଶିକାର କରୁଥିବାବେଳେ ଦ୍ୱିତୀୟରେ ବାହାର ଦେଶର ଔଷଧ କମ୍ପାନୀଙ୍କ ଦ୍ୱାରା ଶିକାର କରିବା ଲାଗି ଶିକାରୀଙ୍କୁ ଠିକା ଭାବେ ନିଯୁକ୍ତି ଦିଆଯାଇଥାଏ । ବାହ୍ୟ ରାଜ୍ୟ ବିଶେଷକରି ଚୀନର ସୀମାବର୍ତ୍ତୀ ରାଜ୍ୟ ମିଜୋରାମ, ଅରୁଣାଞ୍ଚଳ ପ୍ରଦେଶ ଓ ହିମାଚଳ ପ୍ରଦେଶର ଶିକାରୀମାନେ ନିଜେ କିମ୍ବା ସେମାନଙ୍କ ଦ୍ୱାରା ଆମ ରାଜ୍ୟର ଶିକାରୀମାନେ ବାଘ ଶିକାର ଲାଗି ଠିକା ଭାବେ ନିଯୁକ୍ତ ହେଉଛନ୍ତି । ଏଥିଲାଗି ମୁଖ୍ୟତଃ ଅଭୟାରଣ୍ୟ, ଜାତୀୟ ଉଦ୍ୟାନ ଓ ବ୍ୟାଘ୍ର ପ୍ରକଳ୍ପ ନିକଟରେ ଥିବା ଗ୍ରାମ, ବସ୍ତି ବା ଜଙ୍ଗଲ ଗ୍ରାମଗୁଡ଼ିକର ଶିକାରୀମାନଙ୍କ ଦ୍ୱାରା ବାଘ ଶିକାର କରାଯାଉଛି । ଉକ୍ତ ଗ୍ରାମର ଶିକାରୀମାନେ ବାଘର ଗତିବିଧି ତଥା ଚଳପ୍ରଚଳ ସ୍ଥାନ ବିଷୟରେ ବେଶ ଭଲ ଭାବେ ଜାଣିଥାନ୍ତି । ଶିକାର ସରିଲା ପରେ ବାଘର ଅଂଶଗୁଡ଼ିକୁ ସୁରକ୍ଷିତ ତଥା ଗୁପ୍ତରେ ସୀମାବର୍ତ୍ତୀ ରାଜ୍ୟକୁ ପଠାଇ ଦିଆଯାଏ ଏବଂ ଉକ୍ତ ରାଜ୍ୟରୁ ବାଘର ଅଂଶଗୁଡ଼ିକୁ ଚୀନ ଏବଂ ଚୀନ୍ ଠାରୁ ମିଆଁମାର, ଥାଇଲାଣ୍ଡ ଭଳି ଅନ୍ୟ ଦେଶଗୁଡ଼ିକୁ ଚାଲାଣ କରାଯାଏ ।

### ପରୋକ୍ଷ ଶିକାର

ଉପର ଲିଖିତ ସମସ୍ତ ପ୍ରକାର ଶିକାର ପରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ତଥା ମର୍ମନ୍ତୁଦ ବିଷୟ ହେଉଛି ପରୋକ୍ଷ ଅପରାଧ । ଏହା ସିଧାସଳଖ ଭାବେ କରାଯାଇପାରିନଥାଏ କିନ୍ତୁ ଏହାଦ୍ୱାରା ବନ୍ୟଜନ୍ତୁ ମରିଥାନ୍ତି । ରାଜ୍ୟରେ ବର୍ତ୍ତମାନ ଦ୍ରୁତ ଜଙ୍ଗଲକ୍ଷୟ ଚାଲିଛି ଏବଂ ଏହାର ମୁଖ୍ୟ କାରଣ ହେଉଛି ଖଣି କରୁନାହାଁନ୍ତି । ହାତୀ ଚଲାପଥ ନଷ୍ଟ ହୋଇଯାଉଛି ସେ ଖଣି ଖାଦନ ଗାତରେ ପଡି ମୃତ୍ୟୁବରଣ କରୁଛି । ଏଭଳି ଘଟଣା ବର୍ତ୍ତମାନ କିଛି ମାସ ମଧ୍ୟରେ ବହୁଳ ଭାବରେ ଘଟିବାରେ ଲାଗିଛି, ଯାହା ହାତୀ ମୃତ୍ୟୁହାରକୁ ବଢ଼ାଇବାରେ ସାହାଯ୍ୟ କରୁଛି । ନିଜର ବାସସ୍ଥାନ ହରାଇବା ଫଳରେ ଖାଦ୍ୟ ଓ ଜଳପାଇଁ ହାତୀ ଓ ଅନ୍ୟାନ୍ୟ କାରଣରୁ ୧୦ଟିରୁ ଊର୍ଦ୍ଧ୍ୱ ମହାବଳ ଓ ଧଳା ବାଘର ମୃତ୍ୟୁ ଘଟିଥିଲା । ବହୁଚର୍ଚ୍ଚିତ ଶଙ୍କର ହାତୀ ମଧ୍ୟ ଚିକିତ୍ସାରେ ଅବହେଳା କାରଣରୁ ମୃତ୍ୟୁବରଣ କରିଥିଲା । ସାତକୋଶିଆ ଜଙ୍ଗଲରୁ ଶିକାରୀର ଗୁଳିଦ୍ୱାରା ଆଘାତପ୍ରାପ୍ତ ବାଘୁଣୀର ମଧ୍ୟ ଅବସ୍ଥା ସେୟା ହେଲା । ଚନ୍ଦକା ଅଭୟାରଣ୍ୟରେ ଜାଗ୍ରତ ପ୍ରହରୀ ଭାବେ ପରିଚିତ ମୋତିଲାଲ୍ ମଧ୍ୟ

| ବାଘର ଅଂଶ | ଯାଦୁବିଦ୍ୟା(ମ୍ୟାଜିକ୍) ଲାଗି | ଔଷଧ ପ୍ରସ୍ତୁତି ଲାଗି |
|---|---|---|
| ଶ୍ୱାନ ଦାନ୍ତ | ଆତ୍ମସୁରକ୍ଷା ଓ ସୌଭାଗ୍ୟ ପ୍ରାପ୍ତି ଲାଗି ଅଳଙ୍କାର ଯଥା ଗଳାହାର ଆଦି ପିନ୍ଧିବା । | ଜ୍ୱର ଭଲ ହେବାଲାଗି ବାଉଁଶ ପତ୍ର ସହିତ ସେବନ କରାଯାଏ । |
| ପଞ୍ଝା | ବିଶ୍ୱାସ କରାଯାଏ ଯେ ସୁନା ସହ ପଞ୍ଝାକୁ ମିଶାଇ ଅଳଙ୍କାର କରି ପିନ୍ଧିଲେ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ । | ଚିନ୍ତା ଜନିତ, ମନସ୍ତାତ୍ତ୍ୱିକ କାରଣର ନିଦ୍ରାହୀନତା ଦୂର କରିବା ଲାଗି ଜଡ଼ିବୁଟି ସହ ସେବନ କରାଯାଏ । |
| ନିଶ | ଇର୍ଷା ପରାୟଣ ଲୋକଙ୍କ ଠାରୁ ନିଜକୁ ସୁରକ୍ଷା ଦେବା ଏବଂ ବିଭିନ୍ନ ଯାଦୁବିଦ୍ୟା ଓ ଚମତ୍କାରିତା ଲାଭ ପାଇଁ ବ୍ୟବହାର କରାଯାଏ । | ଦାନ୍ତବିନ୍ଧା ଲାଗି ବ୍ୟବହାର କରାଯାଏ |
| ଚମଡ଼ା | କଳାବିଦ୍ୟା ବା ଗୁଣିଗାରେଡ଼ି ଠାରୁ ଗୃହମୁଖ୍ୟଙ୍କୁ ରକ୍ଷା କରିବା ଲାଗି ବ୍ୟବହାର କରାଯାଏ । ଗୃହମୁଖ୍ୟ ଚମଡ଼ାର ଏକ ଛୋଟ ଅଂଶ ନିଜ ଶରୀରରେ ଧାରଣ କରିଥାନ୍ତି । | |
| ଡାହାଣ ପଟ ସାମ୍ନା ହାଡ଼ ଓ ଅନ୍ୟାନ୍ୟ ହାଡ଼ | ବାଘର ସବୁଠାରୁ ଶକ୍ତ ଓ ମୂଲ୍ୟବାନ ଅଙ୍ଗ ହେଲା ଡାହାଣ ପଟ ସାମ୍ନା ହାଡ଼ । ଏହି ଅଙ୍ଗ ଦ୍ୱାରା ବାଘ ଯେକୌଣସି ପଶୁକୁ ଶିକାର କରିଥାଏ । ଏହି ହାଡ଼କୁ ଗରମ ପାଣିରେ ରଖି ସେବନ କରିବା ଦ୍ୱାରା ମୁଣ୍ଡବିନ୍ଧା ଦୂର ହୋଇଥାଏ । | ବାତ ରୋଗ, ଗଣ୍ଠିବାତ, ସାଧାରଣ ଦୁର୍ବଳତା, ମୁଣ୍ଡବିନ୍ଧା, ମାଂସପେଶୀ ଟାଣିଧରିବା, ପକ୍ଷାଘାତ, ଅଣ୍ଟାତଳ ବିନ୍ଧା ହେବା, ପତଳା ଝାଡ଼ା ଆଦି ଭଲ କରିବା ଲାଗି ବ୍ୟବହାର କରାଯାଏ । |
| ଏହାଛଡ଼ା ଆଖିଡ଼ୋଳାକୁ ଅପସ୍ମାର, ମୂର୍ଚ୍ଛା ରୋଗ ଓ ମ୍ୟାଲେରିଆରୁ , ଚର୍ବିକୁ କୁଷ୍ଠରୋଗ, ବାତରୋଗ, ଚର୍ମଜନିତ ରୋଗରୁ ରକ୍ଷା ପାଇବା ଲାଗି, ନାକ ଉପର ଚମଡ଼ାକୁ ଅତି ଭୌତିକ ଯାଦୁବିଦ୍ୟାରୁ ମୁକ୍ତି ପାଇବା ଲାଗି, ପିତ୍ତକୁ ମାଂସପେଶୀ କମ୍ପନରୁ ଭଲ ହେବା ପାଇଁ, ବାଘର ଯୌନାଙ୍ଗକୁ ପ୍ରେମରେ ସଫଳ, କାମୋଦ୍ଦୀପକ ଔଷଧ ଏବଂ ମସ୍ତିଷ୍କକୁ ଆଳସ୍ୟ ଓ ମୁଖବ୍ରଣ ଦୂର କରିବା ଲାଗି ବ୍ୟବହାର କରାଯାଏ । | | |

***Source*** :- Shepherd and Magnus, 2004 and http://www.singlevisioninc.org/

ଖାଦାନ ତଥା ଅନ୍ତର୍ଜାତୀୟ ବହୁରାଷ୍ଟ୍ରୀୟ କମ୍ପାନୀ । ଏହିସବୁ କମ୍ପାନୀମାନେ ଖଣିଜପଦାର୍ଥ ଉତ୍ତୋଳନ ଓ ନିଜର କାରଖାନା ପ୍ରତିଷ୍ଠାଲାଗି ବିରାଟ ଅଞ୍ଚଳ ଆବଶ୍ୟକ କରୁଛନ୍ତି । ରାଜ୍ୟରେ ଥିବା ସମସ୍ତ ଖଣିଜ ସମ୍ପଦ ମୁଖ୍ୟତଃ ଜଙ୍ଗଲ ଥିବା ପାହାଡ଼ରେ ହିଁ ସୁରକ୍ଷିତ ହୋଇଆସିଛି । ଏହାଛଡା ଖଣି ନିକଟରେ କାରଖାନା କଲେ ସୁବିଧା ମିଳିବା ଦୃଷ୍ଟିକୋଣରୁ ସମ୍ପୃକ୍ତ କମ୍ପାନୀମାନେ ଉକ୍ତ ସ୍ଥାନରେ ନିଜର କାରଖାନା ସ୍ଥାପନ କରୁଛନ୍ତି ଏବଂ ସରକାର ମଧ୍ୟ କମ୍ପାନୀମାନଙ୍କୁ ଶାଗମାଛ ଦରରେ ଖଣି ଓ ଜଙ୍ଗଲ ବିକ୍ରି କରିଦେବାପାଇଁ ପଛାଉନାହାଁନ୍ତି । ପ୍ରାକୃତିକ ପରିବେଶ, ଜଙ୍ଗଲ, ଜୈବବିବିଧତା, ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକା ଓ ବନ୍ୟଜନ୍ତୁଙ୍କ ଉପରେ ଏହାର ଯେଉଁ ପ୍ରକାର ପ୍ରଭାବ ପଡ଼ିବ ସେ ବିଷୟରେ ଭ୍ରୁକ୍ଷେପ ବନ୍ୟପ୍ରାଣୀ ସହରାଭିମୁଖୀ ହେଉଛନ୍ତି । ଅନେକ ନିଜର ଧନଜୀବନ ବଞ୍ଚାଇବା ପାଇଁ ବନ୍ୟଜନ୍ତୁଙ୍କ ଉପରକୁ ଗୁଳି, ତେଣ୍ଟା, ତୀର ପ୍ରଭୃତି ଅସ୍ତ୍ର ପ୍ରୟୋଗ କରୁଛନ୍ତି । ଫଳରେ ବନ୍ୟପ୍ରାଣୀ ଆଘାତପ୍ରାପ୍ତ ହେଉଛନ୍ତି । ଜଙ୍ଗଲରେ ସେମାନଙ୍କର ଚିକିତ୍ସା କରାଯାଇପାରୁନାହିଁ । ବନବିଭାଗ ଘଟଣା ଘଟିବାର ବହୁଦିନ ପରେ ଜାଣୁଛି । ସେତେବେଳକୁ ନେଡ଼ିଗୁଡ କହୁଣିକୁ ବୋହିଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇ ବନ୍ୟପ୍ରାଣୀଟି ମରିଯାଉଛି ।

ସେହିଭଳି ଚିକିତ୍ସାରେ ଅବହେଳା ଯୋଗୁଁ ବନ୍ୟପ୍ରାଣୀ ମୃତ ହେବା ଘଟଣା ମଧ୍ୟ ଓଡିଶାରେ ବିରଳ ନୁହେଁ । ୨୦୦୦ ମସିହାରେ ନନ୍ଦନକାନନରେ ଦୁର୍ବଳ ଚିକିତ୍ସା ବ୍ୟବସ୍ଥା ଅତ୍ୟଧିକ ଟ୍ରାଙ୍କୁଲାଇଜର ପ୍ରୟୋଗ କାରଣରୁ ମୃତ୍ୟୁବରଣ କରିଥିଲା । ଆନ୍ଧ୍ରପ୍ରଦେଶରୁ ଲଖାରୀ ଅଭୟାରଣ୍ୟରେ ହାତୀମାନଙ୍କୁ ଘଉଡାଇବା ପାଇଁ 'ଅପରେସନ ଗଜେନ୍ଦ୍ର' ଦ୍ୱାରା ମୃତ୍ୟୁବରଣ କରିଥିବା ୩ଟି ହାତୀମଧ୍ୟ ଏହାର ଅନ୍ତର୍ଗତ ହେବା ଉଚିତ । ଜଙ୍ଗଲ ଅଞ୍ଚଳରେ ମାଓବାଦୀ ମାନଙ୍କ ଉପଦ୍ରବ ତଥା ଗୁଳିଗୋଳା ବର୍ଷଣ କରାଯିବା କାରଣରୁ ବନ୍ୟପ୍ରାଣୀ ମାନେ ନିଜର ବାସସ୍ଥଳୀ ଛାଡ଼ି ଆଖପାଖ ବସତିକୁ ଚାଲିଆସୁଛନ୍ତି । ସେଠାରେ ତାଙ୍କୁ ଶିକାର କରାଯାଉଅଛି । ତେଣୁ ଶିକାର କଲେ ଯେପରି ଦଣ୍ଡ ପ୍ରଦାନର ବ୍ୟବସ୍ଥା ଅଛି ସେହିଭଳି ଚିକିତ୍ସାରେ ଅବହେଳା ଜନିତ ମୃତ୍ୟୁଲାଗି ମଧ୍ୟ ଆଇନରେ ଦଣ୍ଡ ବ୍ୟବସ୍ଥା ରହିବା ଉଚିତ । କିନ୍ତୁ ଏହାକୁ ସର୍ବଦା ଲୁଚାଇ ଦିଆଯାଉଛି ଓ ଏଥିପ୍ରତି ଦୃଷ୍ଟି ଦିଆଯାଉନାହିଁ । ସେହିଭଳି

ଜଙ୍ଗଲ ମଧ୍ୟରେ ରେଳ ଧାରଣା, ଜାତୀୟ ରାଜପଥ ଆଦି ନିର୍ମାଣ କରାଯିବା ଦ୍ୱାରା ଭାରବାହୀ ଯାନ ଓ ରେଳଧାରଣାରେ କଟି ବା ଧକ୍କାଖାଇ ବନ୍ୟଜନ୍ତୁଗୁଡ଼ିକ ମୃତ୍ୟୁ ବରଣ କରୁଛନ୍ତି । କେନ୍ଦୁଝରେ ଏହାର ଏକ ଜ୍ୱଳନ୍ତ ନମୁନା କହିଲେ ଅତ୍ୟୁକ୍ତି ହେବନାହିଁ ।

## ତଥ୍ୟ ଓ ସୂଚନାର ଅଭାବ

ଅନେକ କ୍ଷେତ୍ରରେ ଜଣାପଡୁଛି ଯେ ଗୋଟିଏ ବନ୍ୟପ୍ରାଣୀ ମରିବାର ୧୫/୨୦ ଦିନପରେ ଖବର ଯାଇ ବନବିଭାଗ ଅଫିସରେ ପହଞ୍ଚୁଛି । ସେତେବେଳକୁ ଉକ୍ତ ବନ୍ୟପ୍ରାଣୀର ଲିଙ୍ଗ ନିରୁପଣ କରିବା ତ ଦୂରର କଥା ତାକୁ ଚିହ୍ନିବା ମଧ୍ୟ ଅସମ୍ଭବ ହୋଇପଡୁଛି । କୌଣସି ମହାବଳ ବାଘ ମରିଗଲେ ତାକୁ ବଣ ବିରାଡି ବା ଚିତା ବିରାଡି ବୋଲି କୁହାଯାଉଥିବା ବେଳେ ଦାନ୍ତ ଚୋରୀ ହୋଇ ସାରିଥିବା ଦନ୍ତାହାତୀକୁ ମାଈହାତୀ ବୋଲି ଦର୍ଶାଯାଉଛି । ତାହାଛଡା ମାଈହାତୀର ଦାନ୍ତ ନଥିବାରୁ ତାକୁ କିଏ କାହିଁକି ଶିକାର କରିବ ବୋଲି ସମ୍ପୃକ୍ତ ବିଭାଗ ତରଫରୁ ପାଲଟା ପ୍ରଶ୍ନ ଉଠାଯାଉଛି । ବନ ବିଭାଗର ଏହା କେବଳ ନିଜ ଦୋଷ ଘୋଡ଼ାଇବା ଛଡ଼ା ଅନ୍ୟ କିଛି ନୁହେଁ ବୋଲି ଅନେକ ମତ ପ୍ରକାଶ କରନ୍ତି । ତଥାପି ଅନେକ ଜଙ୍ଗଲ କର୍ମଚାରୀ ଅଛନ୍ତି ଯେଉଁମାନେ ପ୍ରକୃତ ସତ୍ୟକୁ ଗ୍ରହଣ କରିଥାନ୍ତି, ତାହା ଲାଗି ନିଜର କାର୍ଯ୍ୟପନ୍ଥା ଗ୍ରହଣ କରିଥାନ୍ତି ଓ ପ୍ରକୃତ ରହସ୍ୟ ଉନ୍ମୋଚନ କରିବା ସହିତ ଶିକାରୀକୁ ଧରିବାରେ ସକ୍ଷମ ହୋଇଥାନ୍ତି ।

## ଏ ଅପରାଧ ରୋକିବା କେମିତି ?

ଓଡ଼ିଶାରେ ବନ୍ୟପ୍ରାଣୀ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ବହୁ ସମସ୍ୟା ରହିଛି । ହେଲେ ଏସବୁ ସମସ୍ୟାର ସୃଷ୍ଟିକାରୀ କିମ୍ବା କେବଳ ବନ୍ୟପ୍ରାଣୀ ବିଭାଗ ହିଁ ବୁଝିବ କହି କେବଳ ବନ୍ୟପ୍ରାଣୀ ବିଭାଗ ଉପରେ ଦୋଷ ଲଦି ଦେଇ ଚୁପ ରହିଲେ ସମସ୍ୟାର ସମାଧାନ ହୋଇପାରିବନାହିଁ । ବନ୍ୟପ୍ରାଣୀ ବିଭାଗର ଅନେକ ସମସ୍ୟା ରହିଛି । ଯଥେଷ୍ଟ କର୍ମଚାରୀ ନଥିବା, ଅଭୟାରଣ୍ୟ ଘୋଷଣାରେ ସମସ୍ୟା ଦେଖାଯିବା, ଯଥେଷ୍ଟ ଆର୍ଥିକ ସମ୍ବଳ ନଥିବା ଓ ଜନ ସହଯୋଗ ନମିଳିବା ପ୍ରଭୃତି କେତୋଟି ଗୁରୁତ୍ୱପୂର୍ଣ୍ଣ ସମସ୍ୟା । ଜଙ୍ଗଲ ବିଭାଗର ଆର୍ଥିକ ଅଟକଳ କମ ଥିବା ଯୋଗୁଁ କେନ୍ଦ୍ରୀୟ ଅନୁଦାନକୁ ଚାହିଁବାକୁ ପଡ଼ିଥାଏ । ଯାହାଫଳରେ ବନ୍ୟପ୍ରାଣୀ ଗବେଷଣା ପ୍ରଭୃତି ଠିକ୍ ସମୟରେ ହୋଇପାରିନଥାଏ । ଅନ୍ୟପକ୍ଷରେ ବିଭାଗୀୟ ଢାଞ୍ଚା ଅନୁସାରେ ତଳସ୍ତରରୁ ସୂଚନା ସଂଗ୍ରହ ସହିତ ଅପରାଧ ଦମନ ପାଇଁ ବିଧିବଦ୍ଧ ଶକ୍ତିଶାଳୀ ପ୍ରକ୍ରିୟାର ଅଭାବ ରହିଛି । ଯଦିଓ ଅଭୟାରଣ୍ୟର ଗାଁ' ପାଖ ଲୋକମାନଙ୍କୁ ସାମିଲ କରାଯାଉଛି ଏବଂ ଅଣୁଯୋଜନା ମାଧ୍ୟମରେ ଗ୍ରାମଗୋଷ୍ଠୀଙ୍କର ଜୀବନଜୀବିକାରେ ଉନ୍ନତି ଚିନ୍ତା କରାଯାଉଛି, ତାହା ବିଶେଷ ଫଳବତୀ ହେଉନାହିଁ । ତେବେ ଅନେକ ଗ୍ରାମଗୋଷ୍ଠୀ କୌଣସି ଯୋଜନାରେ ଲୋଭ ନରଖି ବନ୍ୟପ୍ରାଣୀ ସୁରକ୍ଷା କରିଆସୁଛନ୍ତି । ଗଞ୍ଜାମ ଜିଲ୍ଲାର ବାଲିପଦରସ୍ଥିତ ଭେଟନଇ ଓ ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀସ୍ଥିତ ମଙ୍ଗଳାଯୋଡି ଏହାର ସଫଳ ନମୂନା । ତେଣୁ ଓଡ଼ିଶାରେ ବନ୍ୟପ୍ରାଣୀ ଅପରାଧ ରୋକିବା ଦିଗରେ କେବଳ ଗ୍ରାମଗୋଷ୍ଠୀଙ୍କୁ ସାମିଲ୍ କରିଦେଲେ ଚଳିବ ନାହିଁ, ସେମାନଙ୍କ ସୁରକ୍ଷା ପ୍ରଣାଳୀ, ପାରମ୍ପରିକ ଜ୍ଞାନକୌଶଳ, ଗ୍ରାମ କମିଟିର ବିଚାର ପଦ୍ଧତିକୁ ମଧ୍ୟ ନୀତିଗତ ଭାବେ ସ୍ୱୀକାର କରିବାକୁ ପଡ଼ିବ ।



ସାମ୍ପ୍ରତିକ ପରିସ୍ଥିତିରେ ରାଜ୍ୟରେ ବନ୍ୟପ୍ରାଣୀଙ୍କ ଶିକାରକୁ ରୋକିବାରେ ଅନେକ ସମସ୍ୟା ରହିଛି ଏବଂ ସମ୍ପୃକ୍ତ ସମସ୍ୟାଗୁଡ଼ିକୁ ମଧ୍ୟ ପୂର୍ବରୁ ଆଲୋଚନା କରାଯାଇଛି । ତେବେ ବନ୍ୟପ୍ରାଣୀ ଅପରାଧ ରୋକିବା ପାଇଁ ସର୍ବ ପ୍ରଥମେ ଜନ ସଚେତନତା ଆବଶ୍ୟକ । ଏଥିଲାଗି ବିଭିନ୍ନ ସଭା ସମିତି ଓ ଶୋଭାଯାତ୍ରା ଆଦି କରିବା ଉଚିତ୍ । ତାହା ବର୍ତ୍ତମାନ କିଞ୍ଚିତ ମାତ୍ରାରେ ଅଳ୍ପ କେତେକ ପରିବେଶ ପ୍ରେମୀଙ୍କ ସହଯୋଗରେ ଚାଲୁ ରହିଛି । ଏହା ଯଥେଷ୍ଟ ନୁହେଁ । ସେହିଭଳି ରାଜ୍ୟ ବନବିଭାଗରେ ତଳ ସ୍ତରର କର୍ମଚାରୀଙ୍କୁ ନିଯୁକ୍ତ କରିବାକୁ ପଡ଼ିବ । ପ୍ରତ୍ୟେକ ଅଭୟାରଣ୍ୟ, ଜଙ୍ଗଲ ନିକଟସ୍ଥ ଗ୍ରାମଗୁଡ଼ିକରେ ଥିବା ଜଙ୍ଗଲର ସୁରକ୍ଷା କମିଟି, ବନ୍ୟଜନ୍ତୁଙ୍କର ଗତିପଥ ସମ୍ବନ୍ଧରେ ଅନୁମାନ କରିପାରୁଥିବା ବ୍ୟକ୍ତିବିଶେଷଙ୍କୁ ଏଥିରେ ସାମିଲ କରିବାକୁ ପଡ଼ିବ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଔଷଧ ପ୍ରସ୍ତୁତି ଓ ମାଂସକୁ ବାହ୍ୟ ରାଷ୍ଟ୍ରକୁ ରପ୍ତାନୀ କରାଯାଉଥିବା ମାଧ୍ୟମଗୁଡ଼ିକୁ ଧରି ଲୋକ ଲୋଚନକୁ ଆଣିବା ଏବଂ କୌଣସି ଭାବେ ଯେପରି ବନ୍ୟଜନ୍ତୁଙ୍କର ଶରୀରର କୌଣସି ଅଂଶ କାର୍ଯ୍ୟରେ ନଲାଗେ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ଯଦି ପ୍ରତ୍ୟେକ ଲୋକ ବନ୍ୟପ୍ରାଣୀଙ୍କ ସୁରକ୍ଷା ଲାଗି ଯୋଗଦାନ କରିପାରିବେ ତେବେ ବନ୍ୟପ୍ରାଣୀ ଶିକାର ରୋକାଯାଇପାରିବ । ଏଥିଲାଗି ଲୋଡା ମାନସିକତାରେ ପରିବର୍ତ୍ତନ । କାରଣ ଆଇନକାନୁନ ନୁହେଁ ବରଂ ବନ୍ୟପ୍ରାଣୀଙ୍କର ସୁରକ୍ଷା ଓ ସଂରକ୍ଷଣ ପ୍ରତି ଆନ୍ତରିକତା ଓ ଶ୍ରଦ୍ଧାହିଁ ଏ ଦିଗରେ ଉଭୟ ଜନସାଧାରଣ ତଥା ବିଭାଗୀୟ ସ୍ତରରେ କିଛି ପ୍ରଭାବକାରୀ ପଦକ୍ଷେପକୁ ସୁନିଶ୍ଚିତ କରିପାରିବ ।

✧

**ସବ୍ୟସାଚୀ ରଥ**

# ଜଙ୍ଗଲ ପାଇଁ ଏକ ସମର୍ପିତ ଦମ୍ପତ୍ତି




**ଅତୀତ**

ଗାଁ ପାଖ ଦେବତା ଡ଼ଙ୍ଗର ଦିନେ ଥିଲା ସବୁଜିମାମୟ। ଏଠାରୁ କାଠ, ପତର, କନ୍ଦା କରଡ଼ି, ଶାଗ ଛତୁ, ଔଷଧ ନେଇ ଲୋକେ ବ୍ୟବହାର କରୁଥିଲେ। କିଏ କେତେ ନେବ, କେତେ ବିକିବ, କେତେ ଖାଇବା ପାଇଁ ପାଖରେ ରଖିବ, କିପରି ଭାବେ ସଂଗ୍ରହ କରିବ, ତା'ର ସବୁ ଅଲିଖିତ ସାମାଜିକ ନିୟମ ଥିଲା। ସାମାଜିକ ଶୃଙ୍ଖଳା ଶିଥିଳ ହେବାରୁ ନିୟମ କାନୁନକୁ କିଏ ବି ମାନିଲେ ନାହିଁ। ଯେଉଁ ପାହାଡ଼ରେ ଦେବତା ରହୁଥିଲେ ବୋଲି ଗ୍ରାମ୍ୟ ଜନତା ବିଶ୍ୱାସରେ ମୁଣ୍ଡ ନୁଆଁଉଥିଲେ କ୍ରମଶଃ ସେମାନେ ଦେବତା ଡ଼ଙ୍ଗରକୁ ନିଜର ଅଧିକାର ବୋଲି ତ ଭାବିଲେ କିନ୍ତୁ ସୁରକ୍ଷା ଓ ପରିଚାଳନା ନକରି ମନଇଚ୍ଛା ଦ୍ରବ୍ୟମାନ ଆହରଣ କରି ଅଳ୍ପଦିନ ଭିତରେ ପୁରା ଡ଼ଙ୍ଗରକୁ ଶ୍ରୀହୀନ କରି ପକାଇଲେ। ଲଣ୍ଡା ହୋଇଗଲା ଦେବତା ଡ଼ଙ୍ଗର। ପାହାଡ଼ର ଚୂଡ଼ାରୁ ଖସିଲା ବଡ଼ ବଡ଼ ପଥର ଖଣ୍ଡ। ମୃତ୍ତିକା କ୍ଷୟ ହେଲା। କାଠ ସଂଗ୍ରହ ପାଇଁ ମହିଳାମାନଙ୍କୁ ବେଶୀ ଦୂରକୁ ଯିବାକୁ ପଡ଼ିଲା। ଶାଗ, ଛତୁ, କନ୍ଦା, ଆଳୁ, କୋଳି ଜଙ୍ଗଲୀ ଫଳ ଓ ଔଷଧୀୟ ବୃକ୍ଷଲତାର ଅନେକ ପ୍ରଜାତି ନମିଳିବାରୁ ଦେବତା ଡ଼ଙ୍ଗର ଠାରୁ ମୁହଁ ଫେରାଇ ନେଲେ ଗ୍ରାମବାସୀ।

**ନିଆରା ଉଦ୍ୟମ**

ଏଭଳି ଏକ ସମୟରେ ଏକ ନିରକ୍ଷର ଆଦିବାସୀ ଦମ୍ପତ୍ତିଙ୍କ ମନରେ ଜଙ୍ଗଲ ସୁରକ୍ଷାର ଏକ ନିଆରା ନିଶା ଜାଗି ଉଠିଥିଲା। ନିଜର ପିତୃ ପୁରୁଷର ଭିଟାମାଟିକୁ ସାହୁକାର ପାଖରେ ବନ୍ଧକ ଦେଇ ପତି ପତ୍ନୀ ପିଲାମାନଙ୍କୁ ନେଇ ଦେବତା ଡ଼ଙ୍ଗରରେ ଏକ ଝାଟି ମାଟିର କୁଡ଼ିଆ କଲେ। ବିକ୍ରୀ ଲବ୍ଧ ଅର୍ଥକୁ ଚାରା, ମଞ୍ଜି କିଣାରେ ଖର୍ଚ୍ଚ କଲେ। ଏହି ଦମ୍ପତ୍ତିଙ୍କ ଏଭଳି ଆଚରଣ ଏବେ ଆଖପାଖରେ ଏକ ବଳିଷ୍ଠ ଉଦାହରଣ ସୃଷ୍ଟି କରିଛି। ଘଟଣାଟି ଘଟିଛି ନୂଆପଡ଼ା ଜିଲ୍ଲାରେ।

ନୂଆପଡ଼ା ଜିଲ୍ଲା ସିନାପାଲ୍ଲୀ ବ୍ଲକ୍ ଅନ୍ତର୍ଗତ କାପ୍‌ସି ଗ୍ରାମର ଅଙ୍ଗଦ ମାଝୀ ଏବେ ନାହାନ୍ତି। ବିଗତ ୨ବର୍ଷ ତଳେ ତାଙ୍କର ମହା ପ୍ରୟାଣ ହୋଇଛି। ଅଙ୍ଗଦଙ୍କ ସ୍ତ୍ରୀ ହିମାଦ୍ରୀ ସ୍ୱାମୀଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ଦିନ ରାତି ଏକ କରି ଖଟୁଛନ୍ତି। ନିଜର ଦୁଇ ନାବାଳକ ପୁଅ ଝିଅଙ୍କ ସହ ଦେବତା ଡ଼ଙ୍ଗରରେ ପ୍ରତ୍ୟେକଟି ବୃକ୍ଷଲତାକୁ ପୁଅ ଝିଅ ପରି ଦେଖୁଛନ୍ତି। ୨୦ ବର୍ଷ ତଳେ ମାତ୍ର ୧୫ବର୍ଷ ବୟସର ଆଦିବାସୀ କିଶୋରୀ କନ୍ୟା ହିମାଦ୍ରୀ ଘର ସଂସାର ଗଢ଼ିବାର ଦାୟିତ୍ୱ ସହ ଜଙ୍ଗଲ ସୁରକ୍ଷା ପାଇଁ ଅଙ୍ଗଦଙ୍କ ପ୍ରୟାସକୁ ପ୍ରଥମେ ତ ନାପସନ୍ଦ କରୁଥିଲେ; ହେଲେ ଶେଷରେ ସ୍ୱାମୀଙ୍କ ସଂକଳ୍ପ ପ୍ରତି ନିଜର ପକ୍ଷଭୁକ୍ତତା ପ୍ରଦର୍ଶନ କରିଥିଲେ। ଗାଁ ମୁଣ୍ଡ ଦେବତା ଡ଼ଙ୍ଗରର ସୁରକ୍ଷା କରିବାକୁ ହେଲେ ଗାଁ ଭିତରର ଘର ଛାଡ଼ିବାକୁ ଅଙ୍ଗଦ ହିମାଦ୍ରୀଙ୍କୁ ପ୍ରବର୍ତ୍ତାଇଲେ। ସ୍ୱାମୀଙ୍କ ଅଦ୍ଭୁତ ଓ ନିଆରା ନିଶାକୁ ହିମାଦ୍ରୀ ବେଶି କାଳ ଧରି ବିରୋଧ କରି ସଫଳ ହୋଇପାରିନଥିଲେ। ଶେଷରେ ଅଙ୍ଗଦ, ହିମାଦ୍ରୀ ଆଉ ସେମାନଙ୍କର ପୁଅ ଝିଅ ଦେବତା ଡ଼ଙ୍ଗରକୁ ଗାଁ ଭିତରର ଘରକୁ ସାହୁକାର ପାଖରେ ବନ୍ଧକ ପକାଇ ଚାଲି ଆସିଥିଲେ। ବନ୍ଧକ ପକାଇ ଆଣିଥିବା ପ୍ରତିଟି ପଇସାକୁ ହିମାଦ୍ରୀ ଓ ଅଙ୍ଗଦ ଟାଙ୍ଗରା ଡ଼ଙ୍ଗରର ସବୁଜିମା ପାଇଁ ବ୍ୟୟ କରିଥିଲେ।

ଭଲ ଲୋକମାନଙ୍କୁ ଭଗବାନ ନିଜ ପାଖକୁ ଶୀଘ୍ର ନେଇଯାଆନ୍ତି ବୋଲି କହିଥିଲେ ହିମାଦ୍ରୀ। କହିଲାବେଳେ ପଣତି କାନିରେ ଲୁହ ପୋଛିଥିଲେ। ଦିନେ ଏକ ଅଜଣା ରୋଗରେ ପଡ଼ି ଅଙ୍ଗଦଙ୍କ ମୃତ୍ୟୁ ହେଲା। ସ୍ୱାମୀଙ୍କ ମୃତ୍ୟୁପରେ ପୁଅ ଝିଅଙ୍କୁ ନେଇ ହିମାଦ୍ରୀ ଡ଼ଙ୍ଗରରୁ ଗାଁକୁ ଆସିଯିବା କଥା ଭାବୁଥିଲେ; କିନ୍ତୁ ପାରିଲେନି। ନଣ୍ଡା ପଥର ଉପରେ କଅଁଳି ଉଠୁଥିବା ଚାରା ଗଛ ଗୁଡ଼ିକ ତାଙ୍କୁ ଯେପରି କୁନି ପିଲା ପରି ଲାଗୁଥିଲେ। ହିମାଦ୍ରି ନିଷ୍ପତ୍ତି ନେଲେ ଯେତେ କଷ୍ଟ ହେଉପଛେ ସେଇମିତି ଜଙ୍ଗଲ ଭିତରେ ରହିବେ। ତାହାହିଁ ହେଲା।

**ସଫଳତା**

ଏହି ଆଦିବାସୀ ଦମ୍ପତ୍ତିଙ୍କର ୨୦ ବର୍ଷର ନିଷ୍ଠାପର ଜଙ୍ଗଲ ସୁରକ୍ଷା ନିଷ୍ଫଳ ହୋଇନାହିଁ। ଦେବତା ଡ଼ଙ୍ଗର ଏବେ ବହୁବିଧ ଗଛଲତାରେ ଭରପୁର ହୋଇଗଲାଣି। ହରିଡ଼ା, ବାହାଡ଼ା, ଅଁଳା, ଚାର, କୁସୁମ, କେନ୍ଦୁ, ଖଇର, ପଳାଶ, ମହୁଲ, କଣ୍ଟା ବାଉଁଶ, କାଇଁଚ, ପାତାଳଗରୁଡ଼, ଶତାବରୀ, ଧନ୍ୱନ୍ତରୀ ଆଦି ବୃକ୍ଷ ଗୁଳ୍ମ ଲତାରେ ଆଚ୍ଛାଦିତ ହୋଇଯାଇଛି ଦେବତା ଡ଼ଙ୍ଗର। ଏଭଳି ସବୁଜିମା ସମ୍ଭବ ହୋଇପାରିଛି ଜଣେ ନିରକ୍ଷର ଆଦିବାସୀ ମହିଳାଙ୍କ ନିଆରା ନିଶା ଓ ସ୍ୱାମୀଙ୍କ ସ୍ୱପ୍ନକୁ ସାକାର ପାଇଁ ବୋଲି କହନ୍ତି ସ୍ଥାନୀୟ ଗ୍ରାମବାସୀ।

**ପ୍ରୋତ୍ସାହନ**

ଜଙ୍ଗଲ ସୁରକ୍ଷାରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ହିମାଦ୍ରୀ ମାଝୀଙ୍କୁ ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନୀତ କରାଯାଇଛି। ଏଥିସହ ତାଙ୍କ ନଗଦ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ବି ପ୍ରଦାନ କରାଯାଇଛି। ସମ୍ମାନ ଓ ସହାୟତା ତାଙ୍କର ଉତ୍ସାହ ବୃଦ୍ଧି କରାଇଛି ବୋଲି ହିମାଦ୍ରୀ କହନ୍ତି।

**ହିମାଳୟ ପରି ହିମାଦ୍ରୀ**

ଗାଁ ଠାରୁ ୨ କି.ମି. ଦୂର ଏକ ଅପନ୍ତରା ଟଙ୍ଗରା ପାହାଡ଼ ଉପରେ ଏକାକୀ ରହିବା ନିଶ୍ଚିତ ଏକ ସାହସିକତାର କାର୍ଯ୍ୟ ବୋଲି କାପ୍‌ସୀ ଗ୍ରାମବାସୀ କହନ୍ତି। କାଠ ମାଫିଆ ଓ ବନ୍ୟ ପରିବେଶର ପ୍ରତିଟି ମୁହୂର୍ତ୍ତରେ ବିପଦର ସମ୍ଭାବନା ଓ ଆଶଙ୍କା ସତ୍ତ୍ୱେ ବି ହିମାଦ୍ରୀ ପୁରା ପାହାଡ଼ ବୁଲି ପ୍ରତିଟି

ଗଛକୁ ତଦାରଖ କରୁଥିଲେ । ସକାଳ ଠାରୁ ସଞ୍ଜ ଯାଏ ଠେଙ୍ଗାଟିଏ ଧରି ହିମାଦ୍ରୀ ଜଙ୍ଗଲର ପ୍ରହରା ଦେଉଥାନ୍ତି । ସ୍ୱାମୀଙ୍କୁ ହରାଇଥିବା ହିମାଦ୍ରୀ ନିଜ ପୁଅ ଝିଅଙ୍କ ପରି ଜଙ୍ଗଲର ମଧ ଦେଖାରଖା କରୁଥିବା ବନବିଭାଗ ପାଖରେ ଖବର ଥିଲା । ହିମାଦ୍ରୀଙ୍କ ନିଷ୍ଠା ଉଦ୍ୟମ ଓ ସଂକଳ୍ପ ପ୍ରତି ଗ୍ରାମବାସୀ ମଧ୍ୟ ସମର୍ଥନ କରୁଥିଲେ । ହିମାଦ୍ରୀଙ୍କ ଏଭଳି ନିଆରା ଉଦ୍ୟମ କାଠ ମାଫିଆ ମାନଙ୍କୁ ମଧ ପ୍ରଭାବିତ କରିଥିଲା । ପୁରୁଖା କାଠ କଟାଳି ଓ ଚାଲାଣକାରୀମାନେ ଦେବତା ଡ଼ଙ୍ଗରକୁ ଆସିବା ଛାଡ଼ି ଦେଇଥିଲେ ।

**ଦେବତା ଡ଼ଙ୍ଗରର ନୂଆ ରୂପ**

ଅଙ୍ଗଦ ଓ ହିମାଦ୍ରୀଙ୍କ ଉଦ୍ୟମ ଫଳବତୀ ହୋଇଛି । ଦେଖିବା ପାଇଁ ଅଙ୍ଗଦ ସିନା ଆଜି ଜୀବିତ ନାହାନ୍ତି, ହେଲେ ପ୍ରତିଟି ଗଛରେ ତାଙ୍କର ହାତର ସ୍ପର୍ଶ ରହିଛି କହନ୍ତି ହିମାଦ୍ରୀ । ୨୦ ବର୍ଷ ତଳର ନଣ୍ଡା ପାହାଡ଼ ଆଦି ଗଛରେ ବୋଝେଇ ହୋଇଯାଇଛି । ଅଙ୍ଗଦ ଓ ହିମାଦ୍ରୀଙ୍କ ବଡ଼ ଝିଅ କାପ୍‌ସି ଗାଁର ରବିଙ୍କୁ ବାହାହୋଇ ଶାଶୁ ଘରକୁ ଯାଇଥିବା ବେଳେ ଅଙ୍ଗଦ ଲଗାଇ ଥିବା ପଣସ ଗଛରେ ଏବେ ପଣସ କଠା ଢ଼େର ଫଳିଛି । ତେନ୍ତୁଳି ଫୁଲ ଗଛରୁ ଝଡ଼ିଲାଣି । ମହୁଲ ଫଳିଲାଣି ୫ ବର୍ଷହେଲା । ମାଟି ଆଉ ଖସୁନି । ମାଟିକୁ ଯାବୁଡ଼ି ଧରିଲାଣି ଗଛର ଚେର । ନେଉଳ, ସାପ, ଭାଲୁ, ଗଧିଆ, ଠେକୁଆ, ମୟୂରମାନଙ୍କ ସ୍ୱର ଶୁଣିଲେଣି ଲୋକେ ।

ଗଛର ଶୁଖିଲା କାଠ, ତେନ୍ତୁଳି, ଆମ୍ବ, ମହୁଲ ବିକ୍ରୀ କରି ହିମାଦ୍ରୀ ଘରର ଖାଦ୍ୟ ଓ ଖର୍ଚ୍ଚ ଯୋଗାଡ଼ କରୁଛନ୍ତି । ବନ ବିଭାଗ ପକ୍ଷରୁ ଚଳିତ ବର୍ଷ ହିମାଦ୍ରୀଙ୍କୁ ୨୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଗତ ବର୍ଷ ବି ୨୦୦୦ ଟଙ୍କା ଦିଆଯାଇଥିଲା ବୋଲି ସିନାପାଲି ଜଙ୍ଗଲ ବିଭାଗର ରେଞ୍ଜ ଅଧିକାରୀ ଦର୍ଶାଇଥିଲେ । ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ହିମାଦ୍ରୀ ବ୍ୟକ୍ତିଗତ ଅଧିକାର ଲାଗି ଆବେଦନ କରିଥିଲେ । ଉପଖଣ୍ଡ ସ୍ତରୀୟ କମିଟି ତାଙ୍କ ଦାବୀକୁ ଗ୍ରହଣ କରି ୨ ଏକର ଜଙ୍ଗଲ ଜମିର ଶିରୋନାମା ପ୍ରଦାନ କରିଛନ୍ତି । ସେହି ଜମି ଉପରେ ଏକ ଇନ୍ଦିରା ଆବାସ ଗୃହ ପାଇଁ ପଲ୍ଲୀସଭାରେ ନିଷ୍ପତ୍ତି ହୋଇଛି । ଦେବତା ଡ଼ଙ୍ଗରର ସୁରକ୍ଷା ଓ ପରିଚାଳନା ପାଇଁ ଗ୍ରାମବାସୀମାନେ ଏବେ ଆଗେଇ ଆସିଥିବା ଜଣାଯାଇଛି । ଗ୍ରାମବାସୀଙ୍କ ପକ୍ଷରୁ ଗୋଷ୍ଠୀ ଜଙ୍ଗଲ ଅଧିକାର ଅନୁଯାୟୀ ଉପଖଣ୍ଡ ସ୍ତରୀୟ କମିଟିକୁ ସ୍ୱର୍ଗତ ଅଙ୍ଗଦ ମାଝୀ ଓ ହିମାଦ୍ରୀଙ୍କ ଭଳି ଏକ ସରଳ ଆଦିବାସୀ ଦମ୍ପତିଙ୍କ ସମର୍ପିତ ତ୍ୟାଗ ଓ ନିଷ୍ଠାପର ଉଦ୍ୟମ କାପ୍‌ସୀ ଗ୍ରାମବାସୀଙ୍କୁ ପ୍ରେରଣା ଓ ମାର୍ଗଦର୍ଶନ କରାଇଛି ।

✧ **ଦିଲ୍ଲୀପ ସୁବୁଦ୍ଧି**

## ଓଡ଼ିଶାରେ ୧୯୩୦ ହାତୀ

### ୨୦୧୨ ହାତୀ ଗଣନା ରିପୋର୍ଟ

ଭୁବନେଶ୍ୱର, ୨୮/୬ (ଇମିସ) ଗତ ଦୁଇ ବର୍ଷ ଭିତରେ ରାଜ୍ୟରେ ହାତୀ ସଂଖ୍ୟା ୪୪ ବଢ଼ିଛି । ତେବେ ଦନ୍ତା ହାତୀ ସଂଖ୍ୟା ମାତ୍ର ଦୁଇଟି ବଢ଼ିଛି । ମାଈ ହାତୀ ସଂଖ୍ୟା ୨୩ ବଢ଼ିଥିବା ବେଳେ ଛୁଆ ହାତୀ ସଂଖ୍ୟାରେ ୧୫ ଯୋଡ଼ି ହୋଇଛି ।

ସଦ୍ୟ ସମାପ୍ତ ହୋଇଥିବା ହାତୀ ଗଣନା ରିପୋର୍ଟରେ ଏହି ଚିତ୍ର ଅଙ୍କା ଯାଇଛି । ୨୦୧୨ ହାତୀ ଗଣନା ରିପୋର୍ଟ ମୁତାବକ ରାଜ୍ୟରେ ଏବେ ମୋଟ ୧୯୩୦ଟି ହାତୀ ଅଛନ୍ତି । ୨୦୧୦ରେ ଥିଲେ ୧୮୮୬ ।

ତେବେ ଏହି ଦୁଇ ବର୍ଷ ଭିତରେ ବିଭିନ୍ନ କାରଣରୁ ରାଜ୍ୟରେ ମୋଟ ୧୪୯ ହାତୀଙ୍କର ମୃତ୍ୟୁ ଘଟିଛି । ଏଥିରୁ ଅନେକ ଶିକାର ହୋଇଥିବା ବେଳେ ଅନେକ ବିଦ୍ୟୁତ ଝଟ୍‌କାରେ ମରିଛନ୍ତି । ୨୦୧୦-୧୧ ବର୍ଷରେ ୮୩ ହାତୀ ମରିଥିବା ବେଳେ ୨୦୧୧-୧୨ରେ ୬୬ ହାତୀ ମରିଛନ୍ତି । ଚଳିତ ୨୦୧୨-୧୩ ବର୍ଷରେ ଆଜି ପର୍ଯ୍ୟନ୍ତ ୨୧ଟି ହାତୀ ମରିଥିବା ଜଣାପଡ଼ିଛି ।

ହାତୀ ଗଣନା ରିପୋର୍ଟ ସଂପର୍କରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଆଜି ସୂଚନା ଦେଇଥିଲେ । ହାତୀ ଗଣନା ରିପୋର୍ଟ ମୁତାବକ ଦନ୍ତା ହାତୀ ସଂଖ୍ୟା ୩୩୨ରୁ ବଢ଼ିଛି ୩୩୪କୁ । ୧୦୮୭ଟି ମାଈ ହାତୀ ଥିବାବେଳେ ୪୬୩ଟି ଛୁଆ ହାତୀ ଅଛନ୍ତି । ଆଉ ୪୬ଟି ହାତୀଙ୍କ ଲିଙ୍ଗ ନିରୂପଣ ହୋଇପାରିନାହିଁ । ୨୦୧୦ରେ ୧୦୬୪ଟି ମାଈ ହାତୀ, ୪୪୮ଟି ଛୁଆ ହାତୀ ଓ ଲିଙ୍ଗ ନିରୂପଣ ହୋଇପାରିନଥିବା ୪୨ଟି ହାତୀ ଥିଲେ । ହାତୀ ଗଣନା ପାଇଁ ରାଜ୍ୟକୁ ୮ଟି ଜୋନ୍‌ରେ ବିଭକ୍ତ କରାଯାଇଥିଲା । ସେଥିରୁ ୫ଟି ଜୋନ୍‌ରେ ହାତୀ ସଂଖ୍ୟା ୨୦୧୦ ଗଣନା ତୁଳନାରେ ବୃଦ୍ଧି ପାଇଥିବା ବେଳେ ଆଉ ତିନୋଟି ଜୋନ୍‌ରେ ହାତୀ ସଂଖ୍ୟା କମ୍ ହୋଇଛି । ଅନୁଗୁଳ ଜୋନ୍‌ରେ ଗତ ଗଣନାରେ ୫୯୧ ହାତୀ ଥିଲାବେଳେ ଏବେ ୬୩୩ଟି ହାତୀ ଅଛନ୍ତି । ରାଉରକେଲା ଜୋନ୍‌ରେ ୨୧୫ଟି ହାତୀ ଥିଲାବେଳେ ତାହା ୨୨୮କୁ ବୃଦ୍ଧି ପାଇଛି । ବାରିପଦା ଜୋନ୍‌ରେ ୫୪୦ରୁ ୫୪୯, ଭୁବନେଶ୍ୱର ଜୋନ୍‌ରେ ୪୧ରୁ ୪୩, ଏବଂ ବ୍ରହ୍ମପୁର ଜୋନ୍‌ରେ ୧୨୧ରୁ ୧୪୯ଟି ହାତୀ ଥିବାର ସ୍ପଷ୍ଟ ଜଣାପଡ଼ିଛି ।

ଭବାନୀପାଟଣା, ସମ୍ବଲପୁର ଓ କୋରାପୁଟ ଜୋନ୍‌ରେ ମଧ୍ୟ ହାତୀ ସଂଖ୍ୟା ହ୍ରାସ ପାଇଛି । ୨୦୧୦ ଗଣନାରେ ଭବାନୀପାଟଣା ଜୋନ୍‌ରେ ୧୦୪ଟି ହାତୀ ଥିବାବେଳେ ଏବେ ୮୭ଟି ହାତୀ, ସମ୍ବଲପୁର ଜୋନ୍‌ରେ ୨୪୯ଟି ହାତୀ ଥିଲାବେଳେ ଏବେ ୨୨୯ଟି ହାତୀ ଏବଂ କୋରାପୁଟ ଜୋନ୍‌ରେ ୨୬ଟି ହାତୀ ଥିବା ବେଳେ ଏବେ ୧୨ଟି ହାତୀ ଅଛନ୍ତି । ଗତ ହାତୀ ଗଣନା ଅନୁସାରେ ମହାନଦୀ ଅଭୟାରଣ୍ୟରେ ୫୬୮ଟି ହାତୀ ଥିଲାବେଳେ ସଦ୍ୟ ସମାପ୍ତ ଗଣନା ଅନୁସାରେ ସେଠାରେ ୬୪୨ଟି ହାତୀ ଅଛନ୍ତି । ସେହିପରି ମୟୂରଭଞ୍ଜ ଅଭୟାରଣ୍ୟରେ ଗତଥର ୫୫୬ଟି ହାତୀ ଥିଲାବେଳେ ଏବେ ୫୮୯ଟି ହାତୀ ଅଛନ୍ତି । ସମ୍ବଲପୁର ଅଭୟାରଣ୍ୟରେ ଗତଥର ୨୮ଟି ହାତୀ ଥିବାବେଳେ ଏବେ ସେଠାରେ ୨୪୦ଟି ହାତୀ ଅଛନ୍ତି । ହାତୀ ଗଣନା ପାଇଁ ୪୬ଟି ଜଙ୍ଗଲ ଡିଭିଜନ୍‌ରେ ୭୦୦ ଲୋକ ନିଯୁକ୍ତି ହୋଇଥିଲେ । ୩୮ଟି ଜୋନ୍‌ରେ ହାତୀ ପଦଚିହ୍ନ ମିଳିଥିଲା । ଏବେ ରାଜ୍ୟର ୮ଟି ଜିଲ୍ଲାରେ ହାତୀ ନଥିବା ଜଣାପଡ଼ିଛି ।

**(ସମ୍ବାଦ, ୨୮.୬.୨୦୧୨)**

## ବିରଳ ପ୍ରାଣୀ

# ହ୍ରାସ ପାଉଛନ୍ତି ଚମଡ଼ା ପରି ଖୋଳଥିବା ବିଶାଳ ସମୁଦ୍ର କଇଁଛ

ପୃଥିବୀରେ ଦେଖାଯାଉଥିବା କଚ୍ଛପମାନଙ୍କ ମଧ୍ୟରୁ ଚମଡ଼ା ପରି ଖୋଳଥିବା (ଲେଦର ବ୍ୟାକ୍ ଟର୍‌ଟଲ୍) Dermochelys Coriacea କଚ୍ଛପ ସବୁଠୁ ବୃହଦାକାର। ଗୋଟିଏ ଏଭଳି ପ୍ରଜାତି କଚ୍ଛପର ଓଜନ ୯୦୭ କେଜି ହୋଇଥିବା ବେଳେ ଏହାର ଲମ୍ବ ୬ଫୁଟ (୨ମିଟର) ପାଖାପାଖି ହୋଇଥାଏ। ଏକ ବୟସ୍କ ଲେଦରବ୍ୟାକ୍ ଟର୍‌ଟଲ୍‌ର ଲମ୍ବ ଗୋଟିଏ ବୟସ୍କ ମଣିଷ ସହିତ ସମାନ।

ଅନ୍ୟାନ୍ୟ ସାମୁଦ୍ରିକ କଇଁଛ ପରି ଏହାର ଆବରଣ ଅତ୍ୟନ୍ତ କଠିନ। ଉପର ଆସ୍ତରଣର ଚମଡ଼ା ଅତ୍ୟନ୍ତ ସୁନ୍ଦର ଓ ଆକର୍ଷଣୀୟ। ରଙ୍ଗ କଳା, ଧଳା ଓ ହଳଦିଆ ଚିହ୍ନରେ ଚିତ୍ରିତ ହୋଇଥାଏ। ଚମଡ଼ା ଭଳି ଆକର୍ଷଣୀୟ ଉପରିଭାଗ (ଖୋଳପା), ମାଂସ ଓ ଅଣ୍ଡା ପାଇଁ ଏହି ପ୍ରଜାତିଟିକୁ ଶିକାର କରାଯାଇଥାଏ। ସମୁଦ୍ରରୁ ମାଛ ଧରୁଥିବା ଟ୍ରଲର ଅଜାଣତରେ ମଧ୍ୟ ଏହି ପ୍ରଜାତିର ଅଶେଷ କ୍ଷତି ଘଟାଇଥାଏ। ସାରା ବିଶ୍ୱରେ ଏହି ପ୍ରଜାତିର କଚ୍ଛପଙ୍କ ସଂଖ୍ୟା ୭୦,୦୦୦ରୁ ୧,୧୫,୦୦୦ ମଧ୍ୟରେ ଥିବା ଏକ ଆକଳନରୁ ଜଣାଯାଇଥିବା ବେଳେ ଫ୍ଲୋରିଡାରେ ଏମାନେ ବହୁ ସଂଖ୍ୟାରେ ଦେଖାଯାଇଥାନ୍ତି। ମନୁଷ୍ୟକୃତ କାର୍ଯ୍ୟକଳାପ ବିଶେଷତଃ ଟ୍ରଲରର ମାଡ଼ ଓ ମାଛଧରା ଜାଲରେ ପଡ଼ି ବହୁ ସଂଖ୍ୟାରେ ମୃତାହତ ହେବା କାରଣରୁ ଏମାନେ ବିଲୁପ୍ତ ପ୍ରାୟ ଅବସ୍ଥାରେ ପହଞ୍ଚିଛନ୍ତି। ଖାଦ୍ୟ ପାଇଁ ଏମାନଙ୍କର ଅଣ୍ଡା ବହୁଳ ଭାବରେ ବ୍ୟବହାର ମଧ୍ୟ ଅନ୍ୟ ଏକ କାରଣ ବୋଲି କୁହାଯାଇପାରେ। ସମୁଦ୍ରରେ ଭାସମାନ ପ୍ଲାଷ୍ଟିକ୍‌କୁ ନିଜର ପସନ୍ଦର ଖାଦ୍ୟ ଜେଲିଫିସ୍ ଭାବି ଖାଇଦେବା ଦ୍ୱାରା ମଧ୍ୟ ଏହି ବିଶାଳକାୟ କଚ୍ଛପଙ୍କ ମୃତ୍ୟୁ ହେଉଥିବା ଅନ୍ୟ ଏକ ସୂତ୍ରରୁ ଜଣାଯାଇଛି।

ଏକାଦିକ୍ରମେ ଏହି କଚ୍ଛପଟି ପାଣି ଭିତରେ ବିନା ଶ୍ୱାସ କ୍ରିୟାରେ ୩୫ମିନିଟ୍ ସମୟ ପର୍ଯ୍ୟନ୍ତ ବୁଡ଼ି ରହିପାରେ। ଅଣ୍ଡାଦାନ ସମୟରେ ମାଇ ପ୍ରଜାତିର କଚ୍ଛପଟି ଅନେକ ଦୂର ପଥ ଅତିକ୍ରମ କରି ବାଲୁକା ବେଳାଭୂମିରେ ପହଞ୍ଚେ ଓ ବାଲିରେ ଗାତ ଖୋଳି ଗୋଟିଏ ସମୟରେ ୧୦୦ରୁ ଊର୍ଦ୍ଧ୍ୱ ଅଣ୍ଡା ଦାନ କରି ସେଥିରେ ବାଲି ଘୋଡ଼ାଇ ଫେରିଯାଏ। ସୂର୍ଯ୍ୟାଲୋକରୁ ଉତ୍ତାପ ପାଇ ଅଣ୍ଡା ଫୁଟେ। ମାଇ କଚ୍ଛପ ଅଣ୍ଡା ଦେଲାପରେ ଅଣ୍ଡାକୁ ଜଗି ରହିନଥାଏ। ଅଣ୍ଡାରୁ ଶାବକ ସୃଷ୍ଟି ହେବାର ସମୟସୀମା ହେଉଛି ୨ମାସ। ଶାବକ କଚ୍ଛପଟିର ଲମ୍ବ ୨ରୁ ୩ଇଞ୍ଚ (୫ରୁ ୮ ସେଣ୍ଟିମିଟର) ହୋଇଯିବା ପରେ ବେଳାଭୂମି ଅତିକ୍ରମ କରି ଏମାନେ ସମୁଦ୍ରରେ ପ୍ରବେଶ କରିଥାନ୍ତି। ଭାରତ ମହାସାଗର ଓ ପ୍ରଶାନ୍ତ ମହାସାଗରର ଉଷ୍ଣ ଜଳରାଶିରେ ରହିବାକୁ ପସନ୍ଦ କରୁଥିବା ଏହି ପ୍ରଜାତିର ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବାରୁ ମାଲେସିଆ ସରକାର ଏହାକୁ ସୁରକ୍ଷିତ ପ୍ରଜାତିଭାବେ ଚିହ୍ନଟ କରିଛନ୍ତି। ଆଇନ୍‌କୁ ଅବଜ୍ଞା କରୁଥିବା ଲୋକଙ୍କ ପାଇଁ କଠିନରୁ କଠିନ ଦଣ୍ଡ ବିଧାନ ପାଇଁ ଅନେକ ଆଇନ ଓ ନିୟମ ପ୍ରଣୟନ କରାଯାଇଛି। ଟ୍ରଲର ମାଡ଼ରେ ବର୍ଷକୁ ୬୪୦ ପାଖାପାଖି କଇଁଛ ଆଘାତ ପ୍ରାପ୍ତ ହେଉଥିବା ବେଳେ ୧୬୦ କଇଁଛଙ୍କ ପ୍ରାଣହାନୀ ଘଟୁଥିବାରୁ ଟର୍‌ଟଲ୍ ଏକ୍ସକ୍ଲୁଡ୍‌ର ଡିଭାଇସ ଟ୍ରଲରରେ ଲଗାଯିବା ବାଧ୍ୟତା ମୂଳକ କରାଯାଇଛି। ଯୁକ୍ତରାଷ୍ଟ୍ର ଆମେରିକାରେ ଏହି ପ୍ରଜାତିଟିର ସୁରକ୍ଷା ଓ ସଂରକ୍ଷଣ ପାଇଁ ବ୍ୟାପକ ଜନସଚେତନତା କରାଯାଉଛି। ଗ୍ରୀନ୍‌ପିସ୍ ସାମୁଦ୍ରିକ ସଂରକ୍ଷଣ କେନ୍ଦ୍ର, ଅଓ୍ୱତବନ ସୋସାଇଟି ପ୍ରମୁଖ ସଂଗଠନ ଗୁଡ଼ିକ ଏହି ପ୍ରଜାତିଟିର ସଂପର୍କରେ ବହୁ ଭିଡ଼ିଓ ଓ ମୁଦ୍ରିତ ଉପକରଣ ପ୍ରସ୍ତୁତ କରିଛନ୍ତି। ବେଳାଭୂମି ବ୍ୟବହାରକାରୀମାନେ, ସେମାନେ ପ୍ରସ୍ତୁତ କରିଥିବା ମାର୍ଗଦର୍ଶିକାକୁ ଅନୁସୃତ କରିପାରିଲେ ଏହି ପ୍ରଜାତିଟି ସମେତ ଆମ ରାଜ୍ୟର ଉପକୂଳରେ ଅଣ୍ଡାଦାନ ପାଇଁ ଆସୁଥିବା ବିରଳ ଅଲିଭ୍‌ରିଡ୍‌ଲେ କଇଁଛ ଗୁଡ଼ିକର ବି ସୁରକ୍ଷା ହୋଇପାରିବ।


ଆମ ଜଙ୍ଗଲ ଆମର ୪୭

RCDC

ସମ୍ପାଦନା:
ଆର୍.ସି.ଡି.ସି
ଏ/୬୮, ୧ମ ମହଲା, ଶହୀଦ ନଗର
ଭୁବନେଶ୍ୱର-୭୫୧ ୦୦୭
ଫୋନ୍-୦୬୭୪-୨୫୪୫୨୫୦

ରିଜିଓନାଲ୍ ସେଣ୍ଟର୍ ଫର୍ ଡେଭେଲପ୍‌ମେଣ୍ଟ୍ କୋଅପରେସନ୍
ମୁଖ୍ୟ କାର୍ଯ୍ୟାଳୟ:
୪୨୪, ଶହୀଦ ନଗର
ଭୁବନେଶ୍ୱର - ୭୫୧ ୦୦୭
ଓଡ଼ିଶା

ଆର୍.ସି.ଡି.ସି. ବଲାଙ୍ଗିର
ପ୍ୟାଲେସ୍ ଲାଇନ, ବଲାଙ୍ଗୀର-୭୬୭ ୦୦୧
ଫୋନ୍-୦୬୬୫୨-୨୩୪୮୪୨

ଆର.ସି.ଡି.ସି. ନବରଙ୍ଗପୁର
ମଦର ଟେରେସା ମାର୍ଗ, ବ୍ଲକ୍ ଛକ ନିକଟ
ନବରଙ୍ଗପୁର-୭୬୪ ୦୫୯
ଫୋନ୍-୦୬୮୫୮-୨୨୩୭୯୨

ଆର.ସି.ଡି.ସି. କୋରାପୁଟ
ରାଣୀଗଡ଼ ଲାଇନ୍
ଅଶୋକ ନଗର
କୋରାପୁଟ-୭୬୪ ୦୨୦
ଫୋନ୍-୦୬୮୫୨-୨୫୨୨୨୩

କେବଳ ଘରୋଇ ପ୍ରସାରଣ ପାଇଁ